Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:49+8 June 2026 (Monday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୪୯+୮ ଜୁନ୍ ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ହାର ମାନିବାକୁ ନାରାଜ ନେତାନ୍ୟାହୁ:

ହିଜବୁଲ୍ଲାର ୧୫୦ ଠିକଣାରେ ଇସ୍ରାଏଲ୍‌ର ପ୍ରଚଣ୍ଡ ହମଲା

ନୂଆଦିଲ୍ଲୀ,୭/୬: ଯୁଦ୍ଧବିରତି ସତ୍ତ୍ୱେ ଲେବାନନ ଉପରେ ଆକ୍ରମଣ ଜାରି ରଖିଛି ଇସ୍ରାଏଲ୍ । ଶୁକ୍ରବାର ଏହାର ହମଲାରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଆଜି ଭୀଷଣ ଏୟାର ଷ୍ଟ୍ରାଇକ୍ ଦ୍ୱାରା ଲେବାନନର ୩ ସେନା ଅଧିକାରୀଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି । ମୃତ ୩ ସେନା ଅଧିକାରୀଙ୍କ ମଧ୍ୟରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପଟ୍ଟେନ୍ ଏବଂ ଜଣେ ସୈନିକ ରହିଛନ୍ତି । ଦୁଇଦିନରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି । ଆମେରିକା ମଧ୍ୟସ୍ଥତାରେ ଆଲୋଚନା ସମୟରେ ଦୁଇ ଦେଶ ସର୍ତ୍ତମୂଳକ ଯୁଦ୍ଧବିରତି ପାଇଁ ରାଜି ହେବାର କିଛି ଦିନ ପରେ ଦକ୍ଷିଣ ଲେବାନନରେ ଇସ୍ରାଏଲୀ ସେନା ପ୍ରଚଣ୍ଡ ଆକ୍ରମଣ କରିଛି । ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଏହି ଆକ୍ରମଣକୁ ନିନ୍ଦା କରି ଏହାକୁ ଲେବାନନ୍ ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନ ଏବଂ ମାନଦଣ୍ଡର ଏକ ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି । ସେହିପରି ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ୍ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଲେବାନନ ସେନା କହିଛି, ଶନିବାର ସକାଳେ ନବାତିୟେହ ଏବଂ ମରଜାୟୌନକୁ ଯୋଡୁଥିବା ସଡ଼କ ଉପରେ ଏୟାର ଷ୍ଟ୍ରାଇକ୍ ହେବା ଦ୍ୱାରା ୩ ଜଣ ସେନାଧିକାରୀ ପ୍ରାଣ ହରାଇଛନ୍ତି । ସେହିଭଳି ସକ୍ସାକିୟାହ ଗ୍ରାମ ଉପରେ ହୋଇଥିବା ଦ୍ୱିତୀୟ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୪ ଜଣ ଆହତ ହୋଇଛନ୍ତି । ବିବୃତିରେ ସେନା କହିଛି, ଇସ୍ରାଏଲ୍ର ସେନା ଲଗାତର ଆକ୍ରମଣ କରୁଛି । ତଥାପି ଆମର ମନୋବଳ ଦୁର୍ବଳ ପଡ଼ିବ ନାହିଁ । ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ୍ ଏହି ଆକ୍ରମଣ କରିଛି । ଏହା ଆଦୌ ଗ୍ରହଣୀୟ ନୁହେଁ । ଲେବାନନର ରାଷ୍ଟ୍ରପତି ଯୋସେଫ ଆଉନ ଦେଶର ସେନା ଗାଡ଼ି ଉପରେ ହୋଇଥିବା ଇସ୍ରାଏଲୀ ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି । ଏହା ଲେବାନନର ଅଖଣ୍ଡତା ଉପରେ ସିଧାସଳଖ ହମଲା ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ । ବିବାଦ କମାଇବା ଲାଗି ୱାଶିଂଟନରେ ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲ୍ ଲଗାତର ଆକ୍ରମଣ କରୁଥିବା ସେ କହିଛନ୍ତି । ଲେବାନନରେ ମାର୍ଚ୍ଚ ୨ରୁ ଜାରି ରହିଥିବା ଇସ୍ରାଏଲୀ ହମଲାରେ ମୃତ୍ୟୁ ସଂଖ୍ୟା ବଢ଼ି ୩,୫୫୮ ହୋଇଛି । ୧୦,୮୭୦ ଜଣ ଆହତ ହୋଇଛନ୍ତି ।

ଜୁନ୍ ୮ ରୁ ୧୨ ମଧ୍ୟରେ ଓଡ଼ିଶାରେ ପାଦ ଥାପିବ ମୌସୁମୀ !

ପଶ୍ଚିମ ଓଡ଼ିଶା ପାଇଁ ରହିଛି ବଡ଼ ଚେତାବନୀ

ଭୁବନେଶ୍ୱର,୭/୬(ନି/ପ୍ର): ରାଜ୍ୟବାସୀଙ୍କ ପାଇଁ ଆଶ୍ୱସ୍ତିର ଖବର। ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଭାରତୀୟ ପାଣିପାଗ ବିଭାଗ (ଓଗଉ) ର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଜୁନ୍ ୮ ରୁ ୧୨ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି ।ବଙ୍ଗୋପସାଗର ଉପରେ ନଜର: ବର୍ତ୍ତମାନ କେରଳ ଓ ତାମିଲନାଡୁରେ ମୌସୁମୀ ସକ୍ରିୟ ହୋଇସାରିଛି । ତେବେ ବଙ୍ଗୋପସାଗର ଦେଇ ମୌସୁମୀର ଗତିବିଧି କିପରି ରହୁଛି, ତାହା ହିଁ ଓଡ଼ିଶାରେ ବର୍ଷାର ପରିମାଣ ଓ ସମୟ ନିର୍ଦ୍ଧାରଣ କରିବ। ଜୁନ୍ ୧୫ ପରେ ଆଶ୍ୱସ୍ତି: ପାଣିପାଗ ବିଜ୍ଞାନୀଙ୍କ ମତରେ, ଓଡ଼ିଶାରେ ପ୍ରବେଶ କଲା ପରେ ମୌସୁମୀ ଧୀରେ ଧୀରେ ସାରା ରାଜ୍ୟକୁ ବ୍ୟାପିବ। ତେବେ ଜୁନ୍ ୧୫ ତାରିଖ ପରେ ହିଁ ରାଜ୍ୟରେ ନିୟମିତ ଏବଂ ସନ୍ତୋଷଜନକ ବର୍ଷା ହେବ ବୋଲି ଆକଳନ କରାଯାଇଛି। ପଶ୍ଚିମ ଓଡ଼ିଶା ପାଇଁ ସତର୍କବାଣୀ: ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୌସୁମୀ ସମ୍ପୂର୍ଣ୍ଣ ସକ୍ରିୟ ହେବା ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାରେ ତାତି କମିବାର ସମ୍ଭାବନା କମ୍। ଅଧିକାଂଶ ସ୍ଥାନରେ ଗ୍ରୀଷ୍ମପ୍ରବାହ ବା ହିଟୱେଭ୍ ସ୍ଥିତି ଜାରି ରହିବ। ମଝିରେ ମଝିରେ କାଳବୈଶାଖୀ କିମ୍ବା ପ୍ରାକ୍-ମୌସୁମୀ ବର୍ଷା ହୋଇ ତାପମାତ୍ରା କିଛି ମାତ୍ରାରେ ହ୍ରାସ ପାଇଲେ ମଧ୍ୟ, ତାହା କେବଳ ସାମୟିକ ଆଶ୍ୱସ୍ତି ଦେବ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି।

କୁଏତ, ବାହାରିନ୍ ଉପରେ ଇରାନର ଆକ୍ରମଣ

କୁଏତ ସିଟି,୭/୬: କୁଏତ ଓ ବାହାରିନ ଉପରେ ଶନିବାର ଇରାନ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଜରିଆରେ ଆକ୍ରମଣ କରିଛି । ଇରାନର ଆକ୍ରମଣକୁ ଦୃଷ୍ଟିରେ ରଖି କୁଏତ ଓ ବାହାରିନ୍ ସରକାର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଥିବା ଜଣାପଡ଼ିଛି । ଏ ନେଇ ବାହାରିନ୍ ସରକାରଙ୍କ ତରଫରୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଦର୍ଶାଯାଇଛି ଇରାନ ତରଫରୁ ଶନିବାର ଆକ୍ରମଣ ହୋଇଥିଲା । ତେବେ କୁଏତ ଓ ବାହାରିନ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗୁଁ ବିଶେଷ କିଛି ହୋଇ ନାହିଁ । ଇରାନ ତୁରନ୍ତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ବନ୍ଦ କରିବାକୁ ବାହାରିନ୍ ତରଫରୁ ଦାବି ହୋଇଛି । ଏହି ଆକ୍ରମଣର କିଛି ସମୟ ପୂର୍ବରୁ ଆମେରିକା ତରଫରୁ ଗଣମାଧ୍ୟମକୁ ଏକ ସୂଚନା ପ୍ରଦାନ କରା ଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଇରାନ ତରଫରୁ ହାର୍ମୁଜ ଉପରେ ଆକ୍ରମଣ ପାଇଁ ଇରାନ ତରଫରୁ ଉଦ୍ୟମ କରାଯାଇଥିଲା । ତେବେ ଆମେରିକା ସେନା ତାହାକୁ ବିଫଳ କରି ଦେଇଥିଲା । ସୂଚନାଥାଉ କି ଶୁକ୍ରବାର ମଧ୍ୟ ଇରାନ ତରଫରୁ କୁଏତ ଓ ବାହାରିନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ତେବେ ସେଗୁଡ଼ିକୁ ମଝି ଆକାଶରେ ନଷ୍ଟ କରି ଦିଆଯାଇଥିବା ଆମେରିକା ତରଫରୁ ଦର୍ଶାଯାଇଛି । ସେହିପରି ଇସ୍ରାଏଲ ଓ ଲେବାନନ ମଧ୍ୟରେ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଥିଲା । ଇସ୍ରାଏଲ ତରଫରୁ ଦକ୍ଷିଣ ଲେବାନନ୍

ନରୱେ ଚେସ୍ ଟାଇଟଲ୍ ଜିତିଥିବାରୁ ପ୍ରଜ୍ଞାନନ୍ଦଙ୍କୁ ଅଭିନନ୍ଦନ ଜଣାଇଲେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୭/୬:ଭାରତର ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକ୍ରିଷ୍ଣନ ଯୁବ ଗ୍ରାଣ୍ଡମାଷ୍ଟର ଆର.ପ୍ରଜ୍ଞାନନ୍ଦଙ୍କୁ ନରୱେ ଚେସ୍ ୨୦୨୬ ଟାଇଟଲ୍ ଜିତିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।ଶନିବାର ଦିନ ତାଙ୍କ ବାର୍ତ୍ତାରେ ଉପରାଷ୍ଟ୍ରପତି କହିଛନ୍ତି ଯେ ପ୍ରଜ୍ଞାନନ୍ଦଙ୍କ ଏହି ଉଲ୍ଲେଖନୀୟ ସଫଳତା ତାଙ୍କ ଅସାଧାରଣ ପ୍ରତିଭା, ଅତୁଟ ସମର୍ପଣ ଏବଂ ବର୍ଷ ବର୍ଷ ଧରି କଠିନ ପରିଶ୍ରମର ପ୍ରମାଣ । ସେ କହିଥିଲେ ଯେ ବିଶ୍ୱ ମଞ୍ଚରେ ତାଙ୍କର ନିରନ୍ତର ଉତ୍କର୍ଷତା ଦେଶ ପାଇଁ ଗର୍ବର ବିଷୟ ଏବଂ ସେ ସାରା ଭାରତରେ ଅସଂଖ୍ୟ ଯୁବ ଚେସ୍ ଖେଳାଳିଙ୍କୁ ପ୍ରେରଣା ଯୋଗାଉଛନ୍ତି। ସେ କହିଛନ୍ତି ଯେ ପ୍ରଜ୍ଞାନନ୍ଦ କେବଳ ଭାରତୀୟ ଚେସ୍କୁ ଏକ ନୂଆ ପରିଚୟ ଦେଇନାହାନ୍ତି, ବରଂ ଅନ୍ତର୍ଜାତୀୟ ସ୍ତରରେ ଭାରତର ମର୍ଯ୍ୟାଦା ମଧ୍ୟ ବୃଦ୍ଧି କରିଛନ୍ତି।

ଆମେରିକା-ଇରାନ ଆଲୋଚନା ମଧ୍ୟରେ ତେହେରାନରେ ପହଞ୍ଚିଲେ ପାକିସ୍ତାନୀ ଗୃହମନ୍ତ୍ରୀ:

ମୁଜତାବାଙ୍କ ପାଇଁ ଶାହବାଜ-ମୁନିରଙ୍କ ସ୍ୱତନ୍ତ୍ର ବାର୍ତ୍ତା

ତେହେରାନ,୭/୬: ଆମେରିକାଏବଂଇରାନମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ପାକିସ୍ତାନ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ପଦକ୍ଷେପ ନେଇଛି। ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ଇରାନର ରାଜଧାନୀ ତେହେରାନରେ ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିରଙ୍କ ଠାରୁ ଇରାନର ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ନିକଟକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଆଣିଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ଏହା ମୋହସିନ ନକଭିଙ୍କର ଇରାନକୁ ତୃତୀୟ ଗସ୍ତ। ଇରାନର ଅର୍ଦ୍ଧ-ସରକାରୀ ସମାଚାର ଏଜେନ୍ସି ତସନିମ ଅନୁଯାୟୀ, ମୋହସିନ ନକଭି କହିଛନ୍ତି, ମୁଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଏବଂ ସେନା ମୁଖ୍ୟଙ୍କ ଠାରୁ ଏକ ବିଶେଷ ବାର୍ତ୍ତା ନେଇ ମୋଜତାବାଙ୍କ ପାଖକୁ ଆସିଛି। ରିପୋର୍ଟ ଅନୁସାରେ, ନକଭିଙ୍କ ଏହି ଗସ୍ତ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦକୁ ହ୍ରାସ କରିବା ଏବଂ ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ଆଗକୁ ବଢ଼ାଇବା ପାଇଁ ଏକ ପ୍ରୟାସର ଅଂଶ। ପୂର୍ବରୁ ଏପ୍ରିଲରେ ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଶାନ୍ତିଆଲୋଚନା କରିବା ପାଇଁ ପ୍ରୟାସ କରାଯାଇଥିଲା, କିନ୍ତୁ କୌଣସି ଆନୁଷ୍ଠାନିକ ଚୁକ୍ତି ହୋଇନଥିଲା। ନକଭିଙ୍କ ଇରାନ ଗସ୍ତ ସ୍ପଷ୍ଟ କରିଛି ଯେ, ଆମେରିକା-ଇରାନ ଆଲୋଚନା ଜାରି ରଖିବାକୁ ପାକିସ୍ତାନ ଚେଷ୍ଟା କରୁଛି। ତେହେରାନରେ ପହଞ୍ଚିବା ପରେ, ନକଭିଙ୍କୁ ଇରାନ ଗୃହମନ୍ତ୍ରୀ ଏସ୍କାନ୍ଦର ମୋମେନି ସ୍ୱାଗତ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସମେତ ଅନେକ ବରିଷ୍ଠ ଇରାନ ନେତାଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ପୂର୍ବରୁ, ମୋହସିନ ନକଭି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଅନୁଯାୟୀ, ଦୁଇ ନେତା ତେହେରାନ ଗସ୍ତ ଏବଂ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନକଭିଙ୍କୁ ଗସ୍ତ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିଥିଲେ। ସାକ୍ଷାତ ସମୟରେ ନକଭି ସାଂଘାଇ ସହଯୋଗ ସଂଗଠନ (ଏସ୍ ?ସିଓ) ବୈଠକ ଅବସରରେ କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ତାଙ୍କର ସମ୍ପ୍ରତିକ ବୈଠକ ବିଷୟରେ ମଧ୍ୟ ଶାହବାଜ ସରିଫଙ୍କୁ ଅବଗତ କରାଇଥିଲେ। ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ବିଶକେକରେ ସେ ଇରାନର ଗୃହମନ୍ତ୍ରୀ ଏସକାନ୍ଦର ମୋମେନିଙ୍କ ସହ ସାକ୍ଷାତ କରିଥିଲେ, ଯେଉଁଠାରେ ଦୁଇ ନେତା ପାକିସ୍ତାନ-ଇରାନ ସମ୍ପର୍କ ଏବଂ ଆଂଚଳିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଏହି କାର୍ଯ୍ୟକଳାପ ଘଟୁଛି।

ଟ୍ରମ୍ପଙ୍କ ମାଷ୍ଟର ପ୍ଲାନ୍:

ଉପସାଗରୀୟ ଦେଶଗୁଡ଼ିକୁ ସାହାଯ୍ୟ କରିବା ପାଇଁ ଇରାନର ସମ୍ପତି କରାଯିବ ଜବତ

ୱାସିଂଟନ,୭/୬:ଆମେରିକା ଇରାନ ବିରୋଧରେ ଏକ ନୂତନ ଆର୍ଥିକ ରଣନୀତିଉପରେ କାମ କରୁଛି। ସିବିଏସ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ଆମେରିକାର ଟ୍ରେଜେରୀ ବିଭାଗ ଜବତ ହୋଇଥିବା ଇରାନ ସମ୍ପତିକୁ ସଂଘର୍ଷ ସମୟରେ କ୍ଷତି ସହିଥିବା ଉପସାଗରୀୟ ଦେଶଗୁଡ଼ିକୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରିବାକୁ ଚାହୁଁଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଟଂ ଅଧିକାରୀମାନଙ୍କୁ ମରାମତି ଏବଂ ପୁନଃନିର୍ମାଣ ପାଇଁ ଜବତ ଇରାନୀ ସମ୍ପତି ବ୍ୟବହାର କରିବା ପାଇଁ ସମସ୍ତ ଆଇନଗତ ଏବଂ ପ୍ରଶାସନିକ ବିକଳ୍ପ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ଅନୁସାରେ ଇରାନ ଦ୍ୱାରା ଦେଶଗୁଡ଼ିକ ଉପରେ ହୋଇଥିବା କ୍ଷତିର ଆର୍ଥିକ ମୂଲ୍ୟ ଦେବାକୁ ପଡିବ। ଏଥିପାଇଁ, ଅର୍ଥ ବିଭାଗ ଯୁଦ୍ଧ ଏବଂ ଆକ୍ରମଣ ଯୋଗୁଁ ହୋଇଥିବା କ୍ଷତିର ସମ୍ପୂର୍ଣ୍ଣ ହିସାବ ଦେବାକୁ ଉପସାଗରୀୟଦେଶଗୁଡ଼ିକୁ କହିଛି। ଆମେରିକା ଜାଣିବାକୁ ଚାହୁଁଛି ଯେ, ରାସ୍ତା, କୋଠା, ଶକ୍ତି ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ମରାମତି ପାଇଁ କେତେ ଖର୍ଚ୍ଚ ହେବ।

ବାଲିଗୁଡ଼ା ଆଇଟିଡ଼ିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା ଭିଜିଲାନ୍ସ ଦ୍ୱାରା ଗିରଫ

ବାଲିଗୁଡ଼ା,୭/୬(ନି/ପ୍ର): ବାଲିଗୁଡ଼ା ଆଇଟିଡ଼ିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା ଭିଜିଲାନ୍ସଦ୍ୱାରା ଗିରଫ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ବାଲିଗୁଡ଼ା ଓଞ୍ଜଉଇ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କୁ ଗିରଫ କରିଛି । ଚଢ଼ାଉବେଳେ ତାଙ୍କ ନାମରେ ଥିବା ବିପୁଳ ସମ୍ପତ୍ତିର ଖୁଲାସା ହୋଇଛି । ଭିଜିଲାନ୍ସ ତଦନ୍ତରେ ବୈକୁଣ୍ଠନାଥ ବେହେରାଙ୍କ ପାଖରୁ ୧୪ଟି ଫ୍ଲାଟ୍ ଓ ୫ଟି କୋଠା ଥିବା ତଥ୍ୟ ମିଳିଛି । ଏହାସହ ଲକରରୁ ୨ କୋଟି ଟଙ୍କା ନଗଦ ଜବତ ହୋଇଛି । ଅଧିକ ତଦନ୍ତରେ ହୀରା ମୁଦି ଏବଂ ୩ଟି ସୁନା ମୂର୍ତ୍ତି ମଧ୍ୟ ମିଳିଥିବା ଜଣାପଡ଼ିଛି । ଏହି ଘଟଣା ପରେ ଆଂଚଳିକ ପ୍ରଶାସନରେ ଚର୍ଚ୍ଚା ଜୋର ଧରିଛି ଏବଂ ଭିଜିଲାନ୍ସ ଆଗାମୀ ଦିନରେ ଅଧିକ ତଦନ୍ତ ଚାଲାଇବ ବୋଲି ସୂଚନା ମିଳିଛି । ଯନ୍ତ୍ରୀଙ୍କ ୯ଟି ଠିକଣାରେ ଗତକାଲି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଭୁବନେଶ୍ୱର ପଟିଆରେ ଥିବା ୨ ମହଲା ଘରୁ ମିଳିଛି ପୁଳା ପୁଳା ଟଙ୍କା। ସୁନା ଗହଣା ସାଙ୍ଗକୁ ଦାମୀ ଆସବାବପତ୍ର। ଘର ଆଗରେ ଠିଆ ହୋଇଛି ଦାମୀ କାର। ବୈକୁଣ୍ଠନାଥଙ୍କ ଘରୁ ମଧ୍ୟ ମିଳିଛି ହୀରା ଖଚିତ ରାଣୀ ସୁନା ହାର, ଯାହା ଭିଜିଲାନ୍ସ କର୍ମଚାରୀଙ୍କୁ ଚକିତ କରିଛି। ଲକ୍ଷ ଲକ୍ଷ ଟଙ୍କାରେ କିଣା ଯାଇଥିବା ଘଡ଼ି ସାଙ୍ଗକୁ ଦାମୀ ମୋବାଇଲ ବି ଜବତ ହୋଇଛି। ଏହା ସହିତ ରହିଛି ସୁନାର ଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶଙ୍କ ମୂର୍ତ୍ତୀ। ଚଢ଼ାଉ ବେଳେ ବାବୁ ବୈକୁଣ୍ଠଙ୍କ ଏହି ଘରୁ ବାହାରିଛି ବିଭିନ୍ନ ବ୍ୟାଙ୍କରେ ଥିବା ୧୧ଟି ପାସ୍ ବୁକ୍ ସାଙ୍ଗକୁ ଚେକ୍ ବୁକ୍।

ଘରୋଇ ରନ୍ଧନ ଗ୍ୟାସ୍ ମହଙ୍ଗା :

ରୋଷେଇଶାଳ ଉପରେ ମହଙ୍ଗା ମାଡ଼

ନୂଆଦିଲ୍ଲୀ,୭/୬: ଗ୍ରାହକଙ୍କ ପାଇଁ ମୁଦ୍ରାସ୍ଫୀତିକୁ ଆଉ ଏକ ଝଟକା ଦେଇ ସରକାର ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୨୯ ଟଙ୍କା ବୃଦ୍ଧି କରିଛନ୍ତି। ନୂତନ ଦର ଅନୁସାରେ ଦିଲ୍ଲୀରେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୯୧୩ ପରିବର୍ତ୍ତେ ୯୪୨ ଟଙ୍କା ହୋଇଛି। ସଂଶୋଧିତ ମୂଲ୍ୟ ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଗତ ତିନି ମାସରେ ଘରୋଇ ଗ୍ୟାସରେ ଏହା ଦ୍ୱିତୀୟ ମୂଲ୍ୟ ବୃଦ୍ଧି। ଗତ ମାର୍ଚ୍ଚ ୭ରେ ସରକାର ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି କରିଥିଲେ। ଏହି କ୍ରମାଗତ ଦ୍ୱିତୀୟ ବୃଦ୍ଧି ଘରୋଇ ଗ୍ରାହକଙ୍କ ମାସିକ ବଜେଟ୍ ଉପରେ ଅତିରିକ୍ତ ବୋଝ ପକାଇବ। ପଶ୍ଚିମ ଏସିଆରେ ଚାଲିଥିବା ଭୂରାଜନୈତିକ ଉତ୍ତେଜନା ଏବଂ ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ଏଲପିଜି ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟାଇଛି। ଆମେରିକା-ଇରାନ ଉତ୍ତେଜନା ଏବଂ ଏହି ଅଂଚଳରେ ସାମୁଦ୍ରିକ ଯୋଗାଣ ମାର୍ଗ ପ୍ରତି ବର୍ଦ୍ଧିତ ବିପଦ ଆନ୍ତର୍ଜାତିକ ବଜାରରେ ଶକ୍ତି ମୂଲ୍ୟକୁ ଉଚ୍ଚ ରଖିଛି, ଯାହା ଘରୋଇ ବଜାରକୁ ମଧ୍ୟ ପ୍ରଭାବିତ କରୁଛି। ମାର୍ଚ୍ଚରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନିଗୁଡ଼ିକ ଘରୋଇ ଏଲପିଜି ବିକ୍ରୟରେ ଯଥେଷ୍ଟ କ୍ଷତି ସହୁଥିଲେ। ସର୍ବଶେଷ ସଂଶୋଧନ ପୂର୍ବରୁ କମ୍ପାନିଗୁଡ଼ିକ ପ୍ରତି ଘରୋଇ ସିଲିଣ୍ଡର ପାଇଁ ପ୍ରାୟ ୭୦୪ ଟଙ୍କା କ୍ଷତି ସହୁଥିଲେ। ତେଣୁ ବର୍ଦ୍ଧିତ ଖର୍ଚ୍ଚର କିଛି ଅଂଶ ଗ୍ରାହକଙ୍କ ଉପରେ ଲଦିବା ଆବଶ୍ୟକ ବୋଲି ବିବେଚନା କରାଯାଇଥିଲା। ଏଲପିଜି ମୂଲ୍ୟରେ ଏହି ବୃଦ୍ଧି ଏପରି ସମୟରେ ହୋଇଛି ଯେତେବେଳେ ଅନ୍ୟାନ୍ୟ ଇନ୍ଧନର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ମେ ମଧ୍ୟଭାଗରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ମିଳିତ ଭାବରେ ପ୍ରାୟ ୭.୫୦ ଟଙ୍କା ପ୍ରତି ଲିଟର ବୃଦ୍ଧି ପାଇଛି। ସିଏନଜି ମୂଲ୍ୟ ମଧ୍ୟ ପ୍ରାୟ ୬ଟଙ୍କା ପ୍ରତି କିଲୋଗ୍ରାମ ବୃଦ୍ଧି ପାଇଛି। ଶିଳ୍ପ ସୂତ୍ର ଅନୁଯାୟୀ, ସମ୍ପ୍ରତି ମୂଲ୍ୟ ସଂଶୋଧନ ସତ୍ତ୍ୱେ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ବିକ୍ରୟ ଉପରେ ଚାପର ସମ୍ମୁଖୀନ ହେଉଛନ୍ତି।

ସମ୍ବଲପୁରରେ ହେବ ଫିଫା ମାନର ଅତ୍ୟାଧୁନିକ ଫୁଟ୍‌ବଲ୍ ପଡ଼ିଆ :

ରାଜ୍ୟ ସରକାର ଦେଲେ ୧୫ କୋଟି

ସମ୍ବଲପୁର,୭/୬(ନି/ପ୍ର): ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀର ଯାତ୍ରାକୁ ବ୍ୟାପକ ତଥା ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତିଭୂମିର ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ୧୫ କୋଟି ଟଙ୍କାରେ ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ସ୍ତରର ୩ଟି ଫିଫା ମାନର ପୂର୍ଣ୍ଣ ଆକାରର ଫୁଟ୍‌ବଲ୍ ପଡ଼ିଆ ଓ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ମାଣ ହେବାକୁ ଥିବା ଫୁଟବଲ୍ ପଡ଼ିଆରେ ପୂଜାର୍ଚ୍ଚନା କରିବା ସହ ଗ୍ରାଉଣ୍ଡ ମରାମତି ପାଇଁ ଉଦ୍ଦିଷ୍ଟ ଗାଡ଼ିକୁ ନିଜେ ଚଳାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ ମସିହାରୁ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାରେ ସବୁଠୁ ବଡ଼ ମାଧ୍ୟମ ସାଜିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହଶହ ପ୍ରତିଭାବାନ୍ ଫୁଟ୍‌ବଲ୍ ଖେଳାଳି ସୃଷ୍ଟି ହୋଇଛନ୍ତି। ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା ସିଏମ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟରୁ ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ପଚାଂୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ସକାଳୁ ଝାରସୁଗୁଡ଼ା ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱଗାତ ସମ୍ବର୍ଦ୍ଧନା ପ୍ରଦାନ କରିବା ପରେ ସେ ସଡ଼କ ପଥରେ ସମ୍ବଲପୁର ଜମାଦାରପାଲିସ୍ଥିତ ଫୁଟ୍‌ବଲ୍ ପଡ଼ିଆରେ ପହଂଚିଥିଲେ। ଏହି କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ବିଦ୍ୟା ବିକାଶ ଇଂଟରନ୍ୟାସନାଲ୍ ସ୍କୁଲ ପଡ଼ିଆରେ ଆୟୋଜିତ ଆରଏସ୍‌ଏସ୍‌ର ସମାରୋପ ଉତ୍ସବ ଓ ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ଚାଲିଥିବା ସର୍ବଭାରତୀୟ ସମ୍ବଲପୁର କପ୍ କବାଡ଼ି ଟୁର୍ଣ୍ଣାମେଂଟରେ ମଧ୍ୟ ସାମିଲ ହୋଇଥିଲେ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସି ଏମ ଟ୍ରଫି ଭଲିବଲ ପ୍ରତିଯୋଗିତା ପାଇଁ କେନ୍ଦୁଝର ଦଳର ଭଦ୍ରକ ଯାତ୍ରା

କେନ୍ଦୁଝର, ୭/୬(ନି/ପ୍ର) : ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ଭଦ୍ରକ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତାକାଲି ଠାରୁ ଭଦ୍ରକ ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗ ସି ଏମ ଟ୍ରଫି ଆନ୍ତଃ ଜିଲ୍ଲା ଭଲିବଲ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଯୋଗଦେବା ପାଇଁ ଆଜି ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ଦଳ ଭଦ୍ରକ ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି। ଆରୁଷ କୁମାର ମାଝୀଙ୍କ ନେତୃତ୍ୱରେ ୧୨ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳୀ ମାନେ ହେଲେ ରୋଶନପ୍ରୀତ ମହାରଣା, ପ୍ରୟାସ ପ୍ରତୀକ ଜେନା, ଲୋକେଶ କୁମାର ନାଏକ, ହିତେଶ କୁମାର ମୁର୍ମୁ, ଅକ୍ଷୟ କୁମାର ମଲ୍ଲିକ, ଆୟୁଷ ନାଏକ, ନୀଲେଶ କୁମାର ନାଏକ, ଡଙ୍ଗଲୁ ସୋରେନ, ସୌମ୍ୟରଞ୍ଜନ ନାଏକ, ଆକାଶ ତନ୍ତୀ ଏବଂ ଆଦର୍ଶ ବେହେରା । ମ୍ୟାନେଜର ଭାବେ ବଡଡୁମୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଲାଲୁ ପ୍ରସାଦ ସେଠୀ ଏବଂ କୋଚ ଭାବେ ବିନୋଦ ବିହାରୀ ମହାନ୍ତ ଦଳ ସହ ଯାତ୍ରା କରୁଥିବାର ଜଣାଯାଇଛି । ସେହିପରି ଅର୍ପିତା ମୁଣ୍ଡାଙ୍କ ନେତୃତ୍ୱରେ ୧୨ ଜଣିଆ କେନ୍ଦୁଝର କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳି ମାନେହେଲେ ପ୍ରୀତିରେଖା ନାଏକ, ରୁପାଲୀ ବେହେରା, ଝୁମୀ ନାଏକ, ଜାନକୀ ନାଏକ, ପାୟଲ ମୁଣ୍ଡା ଶ୍ରେୟାରାଣୀ ସେଠୀ, ଶିଖା ଟୁଡୁ, ମଧୁସ୍ମିତା ନାଏକ, ସୁଦୁଗାଁ ମୁଣ୍ଡା, ଜ୍ୟୋସ୍ନାରାଣୀ ନାଏକ ଏବଂ ସୋନାଲ ମୁଣ୍ଡା । ମ୍ୟାନେଜର ଭାବେ ଏସ ଏସ ବାଳିକା ଉଚ୍ଚ ବିଦ୍ୟାଳୟର ପଦ୍ମଲୋଚନ ମହାନ୍ତ ଓ କୋଚ ଭାବେ ମନ୍ଦାକିନୀ ନାଏକ ଦଳ ସହ ଯାତ୍ରା କରୁଥିବାର ଜଣାଯାଇଛି । କେନ୍ଦୁଝର ଦଳ ଆସନ୍ତାକାଲି ଉଦଘାଟନୀ ଖେଳରେ ଭଦ୍ରକ ଅଟୋନମୋସ କଲେଜ ପଡିଆ ଠାରେ ବାଲେଶ୍ୱର ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଠାରୁ ପ୍ରକାଶ ।

'ସୁଇପ୍' ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,୭/୬(ନି/ପ୍ର) : ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବଡ଼ବିଲ ପୌରପାଳିକା ପକ୍ଷରୁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଓ ମତଦାତାଙ୍କ ବ୍ୟବସ୍ଥିତ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ସୁଇପ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ପ୍ରକ୍ରିୟାରେ ସମସ୍ତଙ୍କ ସହଭାଗିତା ବୃଦ୍ଧି ଏବଂ ସ୍ୱଚ୍ଛତା ବଜାୟ ରଖିବା ଲକ୍ଷ୍ୟରେ 'ନା କୋଇ ଭୋଟର ଛୁଟେ, ନା କୋଇ ଫର୍ଜି ଯୁଡେ' (କୌଣସି ଯୋଗ୍ୟ ଭୋଟର ଯେମିତି ନ ବାଦ୍ ପଡ଼ନ୍ତି ଏବଂ କୌଣସି ଜାଲ୍ ଭୋଟର ଯେମିତି ସାମିଲ ନ ହୁଅନ୍ତି) ସ୍ଲୋଗାନକୁ ନେଇ ଏହି ଜାତୀୟ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ ଯୋଗଦେଇ ମତାଧିକାରର ସାମଗ୍ରିକ ଗୁରୁତ୍ୱ ଉପରେ ଆଲୋଚନା କରିବା ସହ ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସାମିଲ କରିବାକୁ ନିବେଦନ କରିଥିଲେ । ସେ ଆହୁରି ମଧ କହିଥିଲେ ସୁସ୍ଥ ଗଣତନ୍ତ୍ର ଓ ଦେଶର ବିକାଶ ପାଇଁ କୌଣସି ବି ଯୋଗ୍ୟ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବାରୁ ବଚିଂତ ହେବା ଉଚିତ ନୁହେଁ । ଏଥିସହ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ପାଇଁ ଭୋଟର ତାଲିକାରୁ ସମସ୍ତ ପ୍ରକାର ଜାଲ୍ କିମ୍ବା ତ୍ରୁଟିପୂର୍ଣ୍ଣ ନାମକୁ ବାଦ୍ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମସ୍ତେ ସଚେତନ ହୋଇ ନିଜ ନାମ ଭୋଟର ତାଲିକାରେ ଯାଚଂ କରିବାକୁ ସେ ପରାମର୍ଶ ଦେଇଥିଲେ ।ଅନ୍ୟ ଏକ ସ୍ଥାନ ରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ବିଭିନ୍ନ ଅଚଂଳ କ୍ଷେତ୍ର ପରିଦର୍ଶନ କରି ପରିଗଣନା ଫର୍ମ ବଟଂନ କାର୍ଯ୍ୟର ସମୀକ୍ଷା କରିବା ସହ ଏହାର ସଠିକ୍ ତଦାରଖ କରିଥିଲେ । ଉପଜିଲ୍ଲାପାଳ ନିଜେ ଘର ଘର ବୁଲି ସାଧାରଣ ମତଦାତାମାନଙ୍କୁ ଭୋଟ୍‌ର ଗୁରୁତ୍ୱ ବୁଝାଇବା ସହ ସଚେତନ କରିଥିଲେ । ଏଥିସହିତ କାର୍ଯ୍ୟରେ ନିୟୋଜିତ ଥିବା ବିଏଲ୍‌ଓ ମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ପଚାରି ବୁଝିବା ସହ ତାର ତୁରନ୍ତ ସମାଧାନ ଏବଂ ବିଶେଷ କରି ନୂତନ ଭୋଟର (୧୮ ବର୍ଷରୁ ଅଧିକ ଯୁବପିଢ଼ି), ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼େ ଏବଂ ସେମାନଙ୍କ ପାଖରେ ଯେପରି ସଠିକ୍ ସମୟରେ ଫର୍ମ ପହଚିଂପାରିବ, ସେଥିପ୍ରତି ସତର୍କ ଓ ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୭/୬(ନି/ପ୍ର): କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଦରବାର ହଲ୍‌ଠାରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ଉଦ୍ ?ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସମ୍ମାନନୀୟ ଅତିଥିଭାବେ ଉପସ୍ଥିତ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ପାଇଁ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଚଂଳ ଉନ୍ନୟନ ସଂସ୍ଥା ସୁକାନ୍ତ କୁମାର ମାଝୀ, ଆଇଏଏସ ପ୍ରୋବେସନର ଜିତେନ୍ଦ୍ର କୁମାର, କେନ୍ଦୁଝରଗଡ଼ର ବରିଷ୍ଠ ବୁଦ୍ଧିଜୀବି, ସେବାୟତ, ଜନସାଧାରଣ ବୈଠକରେ ଉପସ୍ଥିତ ଥିଲେ । ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଶ୍ରୀ ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ୨୯ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୧୪ ଜୁଲାଇରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଜୁଲାଇ ୧୫ ଉଭା ଯାତ୍ରା ଓ ରଥ ଆଜ୍ଞାମାଳ ବିଜେ, ୧୬ ଜୁଲାଇ ଶ୍ରୀଗୁଣ୍ଡିଚା ଯାତ୍ରା, ୧୭ ଜୁଲାଇ ଶ୍ରୀଗୁଣ୍ଡିଚା ମନ୍ଦିର ବିଜେ, ୨୦ ଜୁଲାଇରେ ହେରା ପଂଚମୀ, ୨୩ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୨୪ ଜୁଲାଇରେ ବାହୁଡା ଯାତ୍ରା, ୨୫ ଜୁଲାଇରେ ଠାକୁରଙ୍କ ସୁନାବେଶ, ୨୬ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଂଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଂଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା । ଏତଦ୍‌ବ୍ୟତୀତ ରଥଯାତ୍ରା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପାରିପାର୍ଶ୍ୱର ଉନ୍ନତିକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ହାତୀ ଆକ୍ରମଣରେ ଜଣେ ଯୁବକ ଆହତ

କେନ୍ଦୁଝର, ୭/୬(ନି/ପ୍ର) : ଚମ୍ପୁଆ ବନାଂଚଳ ଅଧୀନ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ଅର୍ନ୍ତଗତ ଝାଲିଆ ବେଡ଼ା ଜଙ୍ଗଲକୁ ହାତୀ ଦେଖିବାକୁ ଯାଇଥିଲାବେଳେ ଘଟିଛି ଅଘଟଣ । ଯାହାକି ଜଣେ ଯୁବକ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ଜ୍ୟୋତିପୁର ଗ୍ରାମର ଜ୍ୟୋତି ରଞ୍ଜନଙ୍କ ପୁଅ ଶୁଭମ୍ କର (୨୩) ବୋଲି ଜଣାପଡ଼ିଛି । ସୂଚନାରୁ ଉଖୁଣ୍ଡା ସେକ୍ସନର ଝାଲିଆବେଡ଼ା ଜଙ୍ଗଲରେ ଦୁଇଟି ଦନ୍ତା ଅଲଗା ହୋଇ ଜଙ୍ଗଲ ରାସ୍ତା ନିକଟରେ ରହିଥିଲା ବେଳେ, ସ୍ଥାନୀୟ କିଛି ଲୋକଙ୍କ ସହିତ ଶୁଭମ ମଧ ହାତୀ ଦେଖିବାକୁ ଯାଇଥିଲେ । ଏପରିକି ଦୁଇ ହାତୀଙ୍କ ନିକଟତର ହୋଇ ଯାଇଥିଲେ ଶୁଭମ, ହେଲେ ସେଥିମଧ୍ୟରୁ ଗୋଟିଏ ଦନ୍ତା ହାତୀ ହଟାତ୍ ଆସି ଶୁଣ୍ଢରେ ଶୁଭମ୍‌ଙ୍କୁ ଫୋପାଡ଼ି ଦେଇଥିଲା । ଉପସ୍ଥିତ ଥିବା ଜୋତିପୁର ବିଟର ବନରକ୍ଷୀ, ବନ ବିଭାଗରେ କାର୍ଯ୍ୟରତ ହାତୀ ସ୍କ୍ୱାର୍ଡ ଘଟଣା ସ୍ଥଳରୁ ଗୁରୁତର ଆହାତ ଶୁଭମ୍‌ଙ୍କୁ ଉଦ୍ଧାର କରି ନିକଟସ୍ଥ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିବା ସହିତ ଚିକିତ୍ସା କରାଉଥିବା ଜଣାପଡ଼ିଛି ।

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, ୭/୬(ନି/ପ୍ର) : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ବଉଳ ପୋଖରୀ ସରକାରୀ ବିଦ୍ୟାଳୟ,, ଚରମ୍ପା, ଭଦ୍ରକ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ, ସମ୍ପାଦକ, ଭଦ୍ରକ ମୋହରିର ସଙ୍ଘ ତଥା ସାମାଜିକ କର୍ମୀ, ଭଦ୍ରକ, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ

ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଂଟ ଲାଂଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ

ଭଦ୍ରକ,୭/୬(ନି/ପ୍ର) :ଏକ ଘରୋଇ ବିଦ୍ୟାଳୟର ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ ସମ୍ପର୍କିତ ଫାଇଲ୍ ପ୍ରକ୍ରିୟାକରଣ ପାଇଁ ୧୦ ହଜାର ଟଙ୍କା ଲାଂଚ ନେବାବେଳେ ଭଦ୍ରକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଂଟ ଶ୍ରୀକାନ୍ତ ଦାସଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଅଭିଯୁକ୍ତ ଶ୍ରୀ ଦାସ ବାସୁଦେବପୁର ଅଂଚଳର ପ୍ରଶାନ୍ତ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଫାଇଲ୍ ପ୍ରକ୍ରିୟାକରଣ ପାଇଁ ୧୦ ହଜାର ଟଙ୍କା ଲାଂଚ ମାଗୁଥିଲେ । ସ୍କୁଲର କାର୍ଯ୍ୟକର୍ତାଙ୍କ ଦ୍ୱାରା ଅନେକ ଅନୁରୋଧ ସତ୍ୱେ ଶ୍ରୀ ଦାସ ଲାଂଚ ନେବାକୁ ଜିଦ୍ ଧରିଥିଲେ । ଅନ୍ୟ କୌଣସି ଉପାୟ ନପାଇ, ସ୍କୁଲର କାର୍ଯ୍ୟକର୍ତା ଭିଜିଲାନ୍ସ କର୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଉପରୋକ୍ତ ଅଭିଯୋଗକୁ ଆଧାର କରି ଆଜି ଏକ ଜାଲ ବିଛାଯାଇଥିଲା । ଯେଉଁଥିରେ ଅଭିଯୁକ୍ତ ଶିକ୍ଷା କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଂଟ ଶ୍ରୀ ଦାସଙ୍କୁ ଡିଇଓ କାର୍ଯ୍ୟାଳୟ ପରିସରରେ ଏକ ଘରୋଇ ବିଦ୍ୟାଳୟର ଜଣେ କାର୍ଯ୍ୟକର୍ତାଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିବା ଏବଂ ଅନୁଚିତ ଲାଭ (ଲାଂଚ) ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସର ଦଳ ଦ୍ୱାରା ଗିରଫ କରାଯାଇଥିଲା । ସାକ୍ଷୀମାନଙ୍କ ଉପସ୍ଥିତିରେ ଶ୍ରୀ ଦାସଙ୍କ କବଜାରୁ ସମ୍ପୂର୍ଣ୍ଣ ଲାଂଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଶ୍ରୀ ଦାସଙ୍କ ଉଭୟ ହାତ ଧୋଇବା ଏବଂ ପ୍ୟାଂଟ ପକେଟ ଧୋଇବା ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ଦେଇଥିଲା । ଯାହା ତାଙ୍କ ଦ୍ୱାରା ଲାଂଚ ଟଙ୍କା ନେବା ଏବଂ ପରିଚାଳନା କରିବା ନିଶ୍ଚିତ କରିଥିଲା । ଏହି ଜାଲ ପରେ, ଭଦ୍ରକ ସହରରେ ଥିବା ଶ୍ରୀ ଦାଶଙ୍କ ବାସଭବନ ଏବଂ ତାଙ୍କ କାର୍ଯ୍ୟାଳୟ ରୁମରେ ଏକକାଳୀନ ତଲାସ ଆରମ୍ଭ ହୋଇଛି । ଅଭିଯୁକ୍ତ ଶ୍ରୀ ଦାଶଙ୍କୁ ଗିରଫ କରାଯାଇ ଆଜି କୋର୍ଟକୁ ପଠାଯାଇଛି । ଏହି ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୯ ତାରିଖ ୦୪.୦୬.୨୦୨୬, ଦଫା ୭ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ରେଜିଷ୍ଟ୍ରୀ କରାଯାଇଛି ଏବଂ ତଦନ୍ତ ଚାଲିଛି ବୋଲି ବାଲେଶ୍ୱର ଭିଜିଲାନ୍ସ ଡ଼ିଏସପି ଚିନ୍ମୟ ରାଉତ କହିଛନ୍ତି ।

ଭଦ୍ରକରେ ଗାନ୍ଧୀଜୀଙ୍କ ହରିଜନ ପଦଯାତ୍ରା ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଓ ସାଙ୍କେତିକ ପଦଯାତ୍ରା

ଭଦ୍ରକ,୭/୬(ନି/ପ୍ର) : ଗାନ୍ଧୀ ପିସ୍ ଫାଉଣ୍ଡେସନ୍, ଭଦ୍ରକ ପକ୍ଷରୁ ମହତ୍ମା ଗାନ୍ଧୀଙ୍କ ୧୯୩୪ ମସିହାର ଐତିହାସିକ ହରିଜନ ପଦଯାତ୍ରାର ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଗାନ୍ଧୀଜୀ ୧୯୩୪ ମସିହା ଜୁନ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ହରିଜନ ପଦଯାତ୍ରା କରିଥିଲେ ଏବଂ ଗାନ୍ଧୀ ବାଳାଶ୍ରମରେ ତିନି ଦିନ ଅବସ୍ଥାନ କରି ଅସ୍ପୃଶ୍ୟତା ନିବାରଣ ଓ ହରିଜନ(ବର୍ତମାନର ଅନୁସୁଚିତ ଜାତି) ସମୁଦାୟର ଅଧିକାର ପାଇଁ ସଂଗ୍ରାମ କରିଥିଲେ । ଏହି ଅବସରରେ ଗତ ୨ ଜୁନ ତାରିଖରେ ମଞ୍ଜୁରୀଠାରେ ଅବସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ୪ ଜୁନରେ ଆୟୋଜିତ ସ୍ମୃତିସଭାରେ ଗାନ୍ଧୀ ପିସ ଫାଉଣ୍ଡେସନର ଜାତୀୟ ସଭାପତି ଶ୍ରୀ କୁମାର ପ୍ରଶାନ୍ତ ଏବଂ ରାଜ୍ୟ ସଂଯୋଜକ ଡ଼. ବିଶ୍ୱଜିତ ରାଏ ଯୋଗଦେଇ ଗାନ୍ଧୀୟ ଦର୍ଶନ, ସାମାଜିକ ସମରସତା ଏବଂ ଅହିଂସା ଭିତିକ ସମାଜ ଗଠନରେ ଗାନ୍ଧୀ ପିସ ଫାଉଣ୍ଡେସନର ଭୂମିକା ସମ୍ପର୍କରେ ବିସ୍ତୃତ ଅଲୋଚନା କରିଥିଲେ । ସଭାରେ ଫାଉଣ୍ଡେସନର ସଭାପତି ଅଖିଳ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଆଡଭୋକେଟ୍ ପବନ ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ । ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ । ରବିନାରାୟଣ ପାଣିଗ୍ରାହୀ, ଆମିର, ଅଜୟ ଧଳ ଏବଂ ସୀତାକାନ୍ତ ଦାସ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଝରଣା ପଟ୍ଟନାୟକ, ଜମିଲ ଅଖତର ଖାନ, ନାସିର ବକ୍ସ, ବିଦ୍ୟାଧର ବାରିକ, ଲକ୍ଷ୍ମୀକାନ୍ତ ବାରିକ, ଲଲାଟେନ୍ଦୁ ମହାନ୍ତି, ରାଜା ରସୁଲ, ଶାନ୍ତନୁ ରାଉତ, ବିଶାଳ ଲଖାନୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ କୁମାର ପ୍ରଶାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଜ୍ଞା ଦାସ ଏବଂ ବାଳାଶ୍ରମର ଛାତ୍ରମାନେ ଗାନ୍ଧୀଜୀଙ୍କ ପ୍ରିୟ ଭଜନ "ବୈଷ୍ଣବ ଜନ ତୋ" ... ପରିବେଷଣ କରିଥିଲେ । ଏହି ଅବସରରେ ସମାଜର ପ୍ରେରଣାଦାୟୀ ଯୁବପିଢ଼ୀଙ୍କୁ ଗାନ୍ଧୀଜୀଙ୍କ ଜୀବନୀ, ସତ୍ୟ କଥା ସମେତ ଅନ୍ୟାନ୍ୟ ଗାନ୍ଧୀୟ ସାହିତ୍ୟ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଯୁବ ସମାଜ ମଧ୍ୟରେ ଗାନ୍ଧୀୟ ମୂଲ୍ୟବୋଧ, ସତ୍ୟ, ଅହିଂସା ଓ ସେବାଭାବକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଥିଲା । ଶେଷରେ ଦିବ୍ୟସିଂହ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବାଳାଶ୍ରମର ଅନ୍ତେବାସୀ ଓ ଅତିଥିମାନଙ୍କ ଦ୍ୱାରା ଏକ ସାଙ୍କେତିକ ହରିଜନ ପଦଯାତ୍ରା ଆୟୋଜିତ ହୋଇଥିଲା । ଏହା ମାଧ୍ୟମରେ ଗାନ୍ଧୀଜୀଙ୍କ ସମତା, ସାମାଜିକ ନ୍ୟାୟ, ଭ୍ରାତୃତ୍ୱ ଓ ଅସ୍ପୃଶ୍ୟତାମୁକ୍ତ ସମାଜ ଗଠନର ବାର୍ତାକୁ ପୁନଃ ସ୍ମରଣ କରାଯାଇଥିଲା ।

କଳରାପତରିଆ ବାଘ ଛାଲ କିଣାବିକା ବେଳେ ଚଢ଼ାଉ : ୮ ଗିରଫ, ଚମଡ଼ା ଜବତ

ରାୟଗଡ଼ା,୭/୬(ନି/ପ୍ର): କଳରାପତରିଆ ବାଘଛାଲ କିଣାବିକା ନେଇ ଡିଏଫଓ କୌଣସି ସୂତ୍ରରୁ ଖବର ପାଇ କଲ୍ୟାଣସିଂହପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରିଭଲକଣା ଠାରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଛନ୍ତି । ବାଘ ଛାଲ ବେପାର କରୁଥିବା ବେଳେ ଜଙ୍ଗଲ ବଭାଗ କର୍ମଚାରୀମାନେ ୮ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହେବା ସହ ସେମାନଙ୍କ ଠାରୁ ଗୋଟିଏ ବାଘ ଚମଡ଼ା ଜବତ କରିଛନ୍ତି । ଏହି ଚଢ଼ାଉରେ କଳାହାଣ୍ଡି ଏବଂ ରାୟଗଡ଼ା ଜଙ୍ଗଲ ବିଭାଗର କର୍ମଚାରୀମାନେ ଭାଗ ନେଇଥିଲେ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ତଦନ୍ତ ପାଇଁ ରାୟଗଡ଼ା ଅଣାଯାଉଥିବା ଜଙ୍ଗଲ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି । ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଅଣାଯାଇଥିବା ସେନେଇ ସ୍ପଷ୍ଟ ହେବ କୁହାଯାଇଛି । ଏହି ଚଢ଼ାଉରେ ରାୟଗଡ଼ା ରେଞ୍ଜର ଅନୀଲ ପାଣିଗ୍ରାହି, କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡା, ଗେ ?ରୀ ଶଙ୍କର ସାହୁ, ରବି ଚନ୍ଦ୍ର ପାତ୍ର ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ତଦନ୍ତ ପରେ ସବିଶେଷ ତଥ୍ୟ ଗଣମାଧମକୁ ସୂଚନା ପ୍ରଦାନ କରିବେ ? ବୋଲି ରାୟଗଡ଼ା ଡିଏଫଓ ସଚିନ ଆନ୍ନା ସାହେବ ଓହଲ କହିଛନ୍ତି । ଏଠାରେ ସୂଚନାଯୋଗ୍ୟଯେ ରାୟଗଡ଼ା ଜିଲ୍ଲାରୁ ଗତ ୨ବର୍ଷ ମଧ୍ୟରେ ପାଖାପାଖି ୧୦ଟି କଳରାପତରିଆ ବାଘ ଛାଲ ଜବତ ହେଲାଣି । ରାୟଗଡ଼ା ଜିଲ୍ଲାର ଗୁମ୍ମା ରଜର୍ଭ ଫରେଷ୍ଟ ଏବଂ ମୁନିଗୁଡା ରେଞ୍ଜର ଚନ୍ଦ୍ରପୁର ବନାଂଚଳରେ ବହୁସଂଖ୍ୟକ କଳରାପତରିଆ ବାଘ ଦେଖାଯାଉଥିଲେ । କିନ୍ତୁ ନିକଟରେ ଜଙ୍ଗଲ ବିଭାଗ ଦ୍ୱାରା ହୋଇଥିବା ବାଘ ଗଣନା ସମୟରେ ଗୋଟିଏ ମଧ ବାଘର ସୂଚନା ଟ୍ରାପ କେମେରାରେ ଧରାପଡିନଥିଲା । ଗତ ଡିସେମ୍ବର ମାସରେ ଶେଷଥର ପାଇଁ ଟ୍ରାପ କମେରାରେ ଗୋଟିଏ ବାଘର ସୂଚନା ମିଳିଥିଲା । ବର୍ତମାନ ମିଳିଥିବା କଳରାପତରିଆ ବାଘ ଛାଲକୁ କଳାହାଣ୍ଡି ଜିଲ୍ଲା କର୍ଲାପାଟ ରିଜର୍ଭ ଫରେଷ୍ଟ ଅଂଚଳରୁ ଅଣାଯାଇଥିବା ଅନୁମାନ କରାଯାଉଛି ।

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ମୋଚିଗାଁ ମୌଜାରେ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ନୟନଯୋଡି ଜବରଦଖଲ ମୁକ୍ତ ହେବ

ବିବିଧା

ସାକ୍ଷାତକାର

‘ବାସ୍ତବଧର୍ମୀ ସିନେମା ଦର୍ଶକଙ୍କ ପ୍ରଥମ ପସନ୍ଦ’

ଅଙ୍କିତା ମହାନ୍ତି, ଅଭିନେତ୍ରୀ

...ଥମେ ସେ ମଞ୍ଚ ପରିଚାଳନା କରୁଥିଲେ । ତାଙ୍କ ଆକର୍ଷିତ କରିବା ଶୈଳୀ ଦର୍ଶକଙ୍କୁ ଆକୃଷ୍ଟ ...ଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନେତ୍ରୀ ହେବାକୁ ସୁଯୋଗ ମିଳିଥିଲା । ‘ରହସ୍ୟ’ ସିନେମାରୁ କ୍ୟାରିୟର ଆରମ୍ଭ କରିଥିବା ...ହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି ଅଙ୍କିତା ମହାନ୍ତି । ତାଙ୍କର ଜନ୍ମସ୍ଥାନ ଭଦ୍ରକ ...ବାଉଦପୁର । ନିକଟରେ ତାଙ୍କ ଅଭିନୀତ ଓଡ଼ିଆ ସିନେମା ‘ମୁରବି’କୁ ଦର୍ଶକ ଭଲ ପାଇବା ...ଛନ୍ତି । ସ୍ୱଳ୍ପ ସମୟରେ ଦର୍ଶକ ମହଲରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଥିବା ଅଙ୍କିତା ନିଜ ବିଷୟରେ କ’ଣ କୁହନ୍ତି ଜାଣିବା ତାଙ୍କ ମୁହଁରୁ ।

...ପ୍ରତି କିପରି ଓ କେବେଠୁ ରୁଚି ଆସିଲା?

...ପାଠ ଚାକିରି କରିବା ଉଦ୍ଦେଶ୍ୟରେ ମୁଁ ...ନେଶ୍ୱର ଆସିଥିଲି । ସମୟକ୍ରମେ ବିଭିନ୍ନ ...ଷ୍ଠାନରେ ମଞ୍ଚ ପରିଚାଳନା କରିଲି । ସେହି ...ୟରେ ମୁଁ ସର୍ବଦା ସାମାଜିକ ଗଣମାଧ୍ୟମରେ ...ୟ ରହୁଥିଲି । ସୌଭାଗ୍ୟବଶତଃ ଏହି ...ପ୍ଲାଟଫର୍ମ ଦ୍ୱାରା ମୋତେ ‘ରହସ୍ୟ’ ସିନେମାରେ ...କରିବାକୁ ସୁଯୋଗ ମିଳିଥିଲା । ଏଥିରେ ...ବିପକ୍ଷରେ ଥିଲେ ବିଶ୍ୱେଶ୍ୱର ପଣ୍ଡା । ...ପରେ ୨୦୧୯ ମସିହାରେ ଲୀ ସାର୍ଥକର ...ର ନଖାଇ ପାରିଲେ ଖବରରେ ଦେବାଶିଷ ...ଙ୍କ ସହିତ କାମ କରିଥିଲି । ପରେ ପରେ ...ଭାଇଙ୍କ ସହ ‘ତୁଲତୁଲ୍ ...ଣ’, ‘ଗ୍ୟାଙ୍ଗସ୍ ଅଫ୍ ...-୨’, ‘ଗ୍ୟାଙ୍ଗସ୍ ...ପୁରୀ-୨’ ...ସିରିଜରେ ...କରିବାକୁ ...ତେ ସୁଯୋଗ ...ଥିଲା ।

ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା କି?

● ପ୍ରଥମ ଥରର କାମ କରିବାର ଅନୁଭୂତି ସମସ୍ତଙ୍କର ସର୍ବଦା ନିଆରା ହୋଇଥାଏ । ମୁଁ କ୍ୟାମେରାକୁ ସାମ୍ନା କରିବାକୁ ଭୟ କରି ନଥିଲି । ବରଂ କାମକୁ ନେଇ ସିରିୟସ୍ ଥିଲି ।

‘ମୁରବି’ ସିନେମାରେ କାମ କରିବାର ଅନୁଭୂତି?

● ନିକଟରେ ‘ମୁରବି’ ସିନେମା ରିଲିଜ୍ ହୋଇଛି । ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ବୁଦ୍ଧାଦିତ୍ୟ ମହାନ୍ତି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ଏବଂ ଚୌଧୁରୀ ଜୟପ୍ରକାଶ ଦାସ । ଏଥିରେ ମୁଁ ଚୌଧୁରୀ ଜୟପ୍ରକାଶଙ୍କ ବଡ଼ ବୋହୂ ଚରିତ୍ରରେ ଅଭିନୟ କରିଛି । ଏହା ଏକ ସାମାଜିକ ମୂଲ୍ୟବୋଧ ସିନେମା । ଏଥିରେ ସମାଜକୁ ଶିକ୍ଷା ଦେବାକୁ ଅନେକ ଶିକ୍ଷଣୀୟ କଥା ରହିଛି । ଦୀର୍ଘ ବର୍ଷ ପରେ ଦର୍ଶକ ଏମିତି ଏକ ସମ୍ପୂର୍ଣ୍ଣ ପାରିବାରିକ କାହାଣୀର ସିନେମା ଦେଖିବାକୁ ସୁଯୋଗ ପାଇଛନ୍ତି । ତେବେ ସିନେମାରେ ବଡ଼ ବୋହୂ ଚରିତ୍ରରେ ନିଖୁଣ ଅଭିନୟ କରିବା ପାଇଁ ପ୍ରାୟ ସାତ ଆଠ ଦିନ ୱାର୍କସପ୍ କରିଥିଲି । କେବଳ ମୁଁ ନୁହେଁ, ମୋ ସହିତ ଅନ୍ୟାନ୍ୟ କଳାକାରମାନେ ସମସ୍ତେ ୱାର୍କସପ୍ କରିଥିଲେ ।

‘ମୁରବି’ ସିନେମାର ସଫଳତାକୁ ନେଇ କେତେ ଖୁସି ଅଛନ୍ତି?

● ବହୁତ ଖୁସି ଅଛି । ‘ମୁରବି’ ସିନେମା ରିଲିଜ୍ ହେବାକୁ ମାସେ ଟପିଗଲାଣି । ଏହା ଭିତରେ ଅନେକ ତାରକାଙ୍କ ସିନେମା ଆସି ହଲରୁ ଉଠିଗଲାଣି ହେଲେ ଆମ ସିନେମା ଏବେ ବି ପ୍ରେକ୍ଷାଳୟରେ ଚାଲିଛି । ଦର୍ଶକଙ୍କ ହୃଦୟରେ ‘ମୁରବି’ ସ୍ୱତନ୍ତ୍ର ସ୍ଥାନ ନେଇଛି । ଗୋଟିଏ କଥା କହିବି, ବର୍ତ୍ତମାନ ଦର୍ଶକ ବାସ୍ତବଧର୍ମୀ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି । ତେଣୁ ଓଡ଼ିଶାର, କଳା, ସଂସ୍କୃତି, ଓଡ଼ିଆ ଘରର ପରମ୍ପରା, ଗୁରୁ ପରିବାରର ଭକ୍ତି, ସ୍ନେହ ଶ୍ରଦ୍ଧା ଆଉ ଅନୁଶାସନକୁ ସିନେମା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିବାରୁ ଏହା ଦର୍ଶକଙ୍କ ହୃଦୟକୁ ଛୁଇଁଛି ।

ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ ?

● ମୋ ମାଆଙ୍କୁ କିଛି ଉପହାର ଦେଇଥିଲି ।

ଅଭିନେତ୍ରୀଙ୍କ ଫିଟ୍ ରହିବାର ମୂଳମନ୍ତ୍ର?

● ସୁଟିଂ ସେଟ୍‌ରୁ ଫୁରସତ୍ ମିଳିଲେ ଘରେ ସମୟ ବିତାଇବାକୁ ଭଲପାଏ । ଫିଟ୍ ରହିବାକୁ ୱାର୍କଆଉଟ୍ କରେ । ଜିମ୍ ବଦଳରେ ମୁଁ ଯୋଗ, ପ୍ରାଣାୟାମ କରେ । ଏହା ସହିତ ଘରୋଇ ଖାଦ୍ୟ ଖାଇବାକୁ ବେଶି ଭଲ ପାଏ ।

ନୂଆ କରି ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ’ଣ କହିବେ?

● ଦୁଇଟି କଥାକୁ ଗୁରୁତ୍ୱ ଦେବା ଦରକାର । ପ୍ରଥମତଃ ନିଜ ଶିକ୍ଷା ଶେଷ କରି ଅଭିନୟ ଜଗତକୁ ଆସନ୍ତୁ । ଆଉ ଦ୍ୱିତୀୟରେ ଭଲ କଳାକାରଟିଏ ହେବାକୁ ନିଜକୁ ସେମିତି ପ୍ରସ୍ତୁତ କରନ୍ତୁ । ଯେଉଁ କାମ କରୁଛନ୍ତି ମନ ଧ୍ୟାନ ଦେଇ କରିବା ଦରକାର । ■

ପରଦା ପଛର କାହାଣୀ

ରାତି ଚାରିଟାରେ ଗୀତ ରେକର୍ଡିଂ

୧୯୯୯ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ ‘ହମ୍ ଦିଲ୍ ଦେ ଚୁକେ ସନମ୍’ । ବଲିଉଡ୍ ଅଭିନେତା ସଲମାନ୍ ଖାନ୍ ଏବଂ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୀତ ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ଲୀଲା ଭଂଶାଲି । ଏଥିରେ ଏକାଧିକ ଗୀତ ସୁପରହିଟ୍ ହୋଇଥିଲା । ଯାହା ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ତେବେ ଏହି ଫିଲ୍ମର ‘ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ...’ ଗୀତ ରେକର୍ଡିଂକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଏହି ସୁନ୍ଦର ଗୀତଟିକୁ କଣ୍ଠଶିଳ୍ପୀ କେକେ ଭୋର୍ ଚାରିଟାରେ ରେକର୍ଡ କରିଥିଲେ । ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ ଏହି ଫିଲ୍ମରେ ସଲମାନ୍‌ଙ୍କ ହୃଦୟ ଭାଙ୍ଗିବା ଦୃଶ୍ୟରେ ‘ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ...’ ଇମୋସନାଲ୍ ଗୀତଟି ବାଜୁଥିଲା । ଏହି ଗୀତଟି ରାତି ଗୋଟାଏରେ ରେକର୍ଡିଂ କରାଯାଉଥିଲା । ପାଖାପାଖି ୭୦ ପ୍ରତିଶତ ରେକର୍ଡିଂ ସରିବା ପରେ ଅଚାନକ ... ହୋଇପାରୁନଥିଲା । ମନରେ ଗୀତ ରେକର୍ଡିଂକୁ ... ରଖାଯାଉଥିଲା । ...ଙ୍କୁ ସାମାନ୍ୟ ବିରତି ମିଳିଥିଲା । ସେ ଷ୍ଟୁଡିଓ ବାହାରକୁ ଯାଇ ଗୋଟିଏ କୋଣରେ ବସି ...ଆଖି ଲାଗି ଯାଇଥିଲା । ସେ ଶୋଇ ପଡ଼ିଥିଲେ । ଏହାପରେ ଭୋର୍ ୪ ଟାରୁ ତାଙ୍କ ନିଦ ...ପ ତା’ ପିଆଇ ନିର୍ଦ୍ଦେଶକ ତାଙ୍କୁ ଅବଶିଷ୍ଟାଂଶ ଗୀତକୁ ରେକର୍ଡିଂ କରିବା ପାଇଁ କହିଥିଲେ । ...ଅଂଶ ହାଇପିଚ୍‌ରେ ଥିଲା । ତେବେ ଏତେ ରାତିରେ ହାଇପିଚ୍ ଗୀତ ଗାଇବା କଷ୍ଟକର ଥିଲା । ...ଫ୍ ଥାଇ ସିଧା ଛାତ ଉପରକୁ ଯାଇଥିଲେ । ଭୋର୍ ଚାରିଟା ବେଳେ ଶାନ୍ତ ପରିବେଶ, ଖୋଲା ... ଏବଂ ସତେଜ ପବନକୁ ଅନୁଭବ କରିଥିଲେ । ଏହାପରେ ତଳକୁ ଆସି ଘରକୁ ଯାଉଥିବା ...କ ସ୍ମାଇଲ୍ ବଡାବାରଙ୍କୁ ଆଉ ଗୋଟେ ଟେକ୍ ନେବା ପାଇଁ କହିଥିଲେ । ହେଲେ ସେ ତାଙ୍କୁ ...ଲା । ପରବର୍ତ୍ତୀ ସମୟରେ ସେ କେକେଙ୍କ ଜିଦ୍ ପାଇଁ ହଁ କହିଥିଲେ । ରାତି ଚାରିଟାରେ ...ରେ ‘ଅଗର ମିଲେ ଖୁଦା ତୋ, କିସ୍ମ ମୁଝେ ବେ ମିଟି ଜା ଶିଶେ କା ଦିଲ୍ ତୁମ ...ଇଥିଲେ । ଗୀତରେ ଏହି ଅଂଶଟି ଆସିଲେ ଶୁଣୁଥିବା ଲୋକଙ୍କ ଆଖିରେ ...ଏ । ଏଥିରେ ସଲମାନ୍ ଭଙ୍ଗା ହୃଦୟର ଯେଉଁ ଅଭିନୟ କରିଥିଲେ ...ଦିନ ପାଇଁ ଦର୍ଶକଙ୍କ ମନରେ ରହିଗଲା । ■

ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର

ସାବିତ୍ରୀ ଉପଲକ୍ଷେ ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ ‘ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର’ । ସିନେମାର ମୁଖ୍ୟ ଚରିତ୍ରରେ ନିକିତା ଓ ତୁଷାର ଅଭିନୟ କରିଛନ୍ତି । ଏ ଦୁହିଁଙ୍କ ବ୍ୟତୀତ ସିମରନ, ଅର୍ପିତା, ଶୁଭ୍ରାଂଶୁ, ଦେବି, ହିମାଂଶୁ, ଭକ୍ତି, ଚନ୍ଦନ, ଅଭିଷେକ, ସନ୍ତୋଷ, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସିନେମାର ନିର୍ଦ୍ଦେଶନା, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ସଞ୍ଜୟ ନାୟକ । ଶ୍ରୀଲକ୍ଷ୍ମୀ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ସିନେମାର ଗୀତ ରଚନା କରିଛନ୍ତି ପ୍ରକାଶ ଚନ୍ଦ୍ର ଜେନା ଏବଂ ସଂଗୀତରେ ସଜାଇଛନ୍ତି ବିନାୟକ ପଣ୍ଡା । ସିନେମାଟି ଏକ ପାରିବାରିକ କାହାଣୀ ଉପରେ ଆଧାରିତ । ମୁଖ୍ୟତଃ ସ୍ୱାମୀ-ସ୍ତ୍ରୀଙ୍କର ଏକ ସୁନ୍ଦର ସମ୍ପର୍କ ଏଥିରେ ଦେଖିବାକୁ ମିଳିବ । ତେଣୁ ଏହାକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ■

ଟେଲିଭିଜନ ପ୍ରିମିୟର

‘ଦେବିକା’ ଚରିତ୍ରରେ ସୂର୍ଯ୍ୟମୟୀ

ଖୁବଶୀଘ୍ର ଆସିବାକୁ ଯାଉଛି ‘୨୯ ଟୁ ନାଇନ୍ ଫିଲ୍ମ’ ଏବଂ ‘ଦ୍ୟା ମୋରା କ୍ରିଲ୍ ପ୍ରଡକ୍ସନ୍’ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ସିନେମା ‘ରାବଣ’ । ଷ୍ଟାରକାଷ୍ଟଙ୍କ ପ୍ରଥମ ଲୁକ୍ ମଧ୍ୟ ସାମ୍ନାକୁ ଆସିଛି । ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ । ତେବେ ସିନେମାରେ ସୂର୍ଯ୍ୟମୟୀଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏଥିରେ ସେ ଦେବିକା ଭୂମିକାରେ ଅଭିନୟ କରୁଛନ୍ତି । ସୂର୍ଯ୍ୟମୟୀଙ୍କ ପୋଷ୍ଟର ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି । ପୋଷ୍ଟରରେ ସେ ଯୋଦ୍ଧା ଭଳି ନଜର ଆସିଛନ୍ତି । ପୋଷ୍ଟରରୁ ସୂର୍ଯ୍ୟମୟୀଙ୍କ ଚରିତ୍ରଟି ଦମଦାର ହୋଇଥିବା ଅନୁମାନ କରାଯାଉଛି । ସେହିପରି ଅନ୍ୟ ସିନେମା ଭଳି ଏହି ସିନେମାରେ ବି ତାଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି । ଫିଲ୍ମର ନିର୍ଦ୍ଦେଶନାରେ ବାପନ ଜ୍ୟୋତି ମହାନ୍ତି ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଜାଗୃତି ଏବଂ ହିମାଦ୍ରି । ସେହିପରି ଏହି ସିନେମାର କାହାଣୀ ଜାଗୃତି ଲେଖିଛନ୍ତି । ■

‘ଶିକାର’ର ଟିଜର୍ ରିଲିଜ

ଆସନ୍ତା ଜୁନରେ ହେବାକୁ ଯାଉଛି ଅମ୍ଲାନଙ୍କର ଦମଦାର କମ୍‌ବ୍ୟାକ୍ । ନିକଟରେ ରିଲିଜ ହୋଇଛି ନୂଆ ଓଡ଼ିଆ ସିନେମା ‘ଶିକାର’ର ଟିଜର୍ । ଦମଦାର ଆକ୍ସନ୍, ଦମଦାର ସଂଳାପ ସାଙ୍ଗକୁ ପ୍ରଭାବଶାଳୀ ପୃଷ୍ଠଭୂମି ସଂଗୀତକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ବୈଦ୍ୟନାଥ ଦାଶ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସହିକାନ୍ତ ଜେନା ପ୍ରଯୋଜିତ ଓ ମୃତ୍ୟୁଞ୍ଜୟ ସାହୁ ନିର୍ଦ୍ଦେଶିତ ‘ଶିକାର’ ଆସନ୍ତା ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ‘ମୁନ୍ ଟିଭି’ ତରଫରୁ ପ୍ରକାଶ । ■



‘ନଅ ବାଘ’ର ଶୁଭ ମହୁରତ

ନିକଟରେ ଭୁବନେଶ୍ୱର ସିଆରପିଏଫ ...ସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ...ମୋଚନ ହନୁମାନ ମନ୍ଦିର ...ପ୍ରାଙ୍ଗଣରେ ଓଡ଼ିଆ ଚଳଚ୍ଚିତ୍ର ...ଅ ବାଘ’ର ଶୁଭ ମହୁରତ ...ଅନୁଷ୍ଠିତ ହୋଇଯାଇଛି । ଡିଏମ୍ ଫିଲ୍ମସ୍ ...ବ୍ୟାନରରେ ନିର୍ମିତ ଏହି ଫିଲ୍ମଟିର ପ୍ରଯୋଜକ ...ଅଛନ୍ତି ଦେବାଶିଷ ମହାନ୍ତି । ‘ନଅ ବାଘ’ର କାହାଣୀ, ଚିତ୍ରନାଟ୍ୟ, ...ଳାପ ଓ ନିର୍ଦ୍ଦେଶନା ଦେଉଛନ୍ତି ନିରଞ୍ଜନ ବେହେରା । ନାୟକ ...ମିକାରେ ଅମନ୍ ଅଭିନୟ କରୁଥିବା ବେଳେ ନାୟିକା ଚରିତ୍ରରେ ...ନିଷ୍ଠା ଓ ଦେବସ୍ମିତା ଅଭିନୟ କରୁଛନ୍ତି । ଅନ୍ୟାନ୍ୟ ଭୂମିକାରେ ...ଚୌଧୁରୀ ଜୟପ୍ରକାଶ ଦାସ (ପିଣ୍ଟୁ ଭାଇ), ଦେବୁ ବ୍ରହ୍ମା, କୁନାଲ, ...ନ, ପ୍ରଶାନ୍ତ, ସୋମ୍ବୁ, ଭକ୍ତି, ଗୋପାଳ, ମିଣ୍ଟୁ, ପ୍ରାତିରଞ୍ଜନ, ...(ନଟିଆ), ଦେବବ୍ରତ, ବାପି, ଲିପ୍‌ସା, ବିଲୁ, ଶଙ୍କର, ମାନଙ୍କ ...ଅଭିନୟ କରୁଛନ୍ତି । ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ପୂର୍ବ ସିନେମା ...ଭଳି ଏହା ମୌଳିକ କାହାଣୀ ଉପରେ ଆଧାରିତ । ଏହି ଫିଲ୍ମରେ ...କମେଡି, ଡ୍ରାମା, ଇମୋସନ୍ ଭରି ରହିଛି । ଏହି ସିନେମାରେ ସମାଜ ...ପାଇଁ ଏକ ବାର୍ତ୍ତା ରହିଛି । ଏହି ଚଳଚ୍ଚିତ୍ରର ଟାଇଟଲ୍ ଗୀତକୁ କଣ୍ଠଶିଳ୍ପୀ ...ନ୍ତୁ, ସତ୍ୟଜିତ, ତାରିକ୍, ସଂଗ୍ରାମ, ବୈଭବ, ଦିବାସ, ଏସ୍ କିଡ୍, କେମ୍ବ ...ଅନ୍ତରା ଚକ୍ରବର୍ତ୍ତୀ ଗାଇଛନ୍ତି । ‘ନଅ ବାଘ’କୁ ସଙ୍ଗୀତରେ ସଜେଇଛନ୍ତି ...ମୋହନ ଭଟ୍ଟ । କାହାଣୀ ଅନୁଯାୟୀ ଏହି ଚଳଚ୍ଚିତ୍ରରେ ୯ ଜଣ ବାଘ ...ଅଭିନୟ କରୁଛନ୍ତି । ଶିକ୍ଷକ, ନେତା, ଗାୟକ, ପ୍ରେମିକ, ଚୋର, କାଉନ୍ସିଲ, ...ନ୍ତ୍ରୀ କଳାକାର ଓ ମହୁଆ । ହେଲେ ୯ ନମ୍ବର ବାଘଟି କିଏ ତାହା ଏକ ...ରହସ୍ୟ । ଏମାନେ ସବୁ ପରିସ୍ଥିତିରେ ପଡ଼ି ପାଗଳ ହୋଇଯାଉଛନ୍ତି । ଏହି ...ଜଣ ବାଘ ଡକ୍ଟର ଅଭିଜିତ୍ ଦାସଙ୍କୁ ଭଲ ପାଉଛନ୍ତି ସତ, ହେଲେ ତାଙ୍କୁ ...ପ୍ତ କିଏ କରୁଛନ୍ତି, ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବ ‘ନଅ ବାଘ’ । ଏହି ...ଚଳଚ୍ଚିତ୍ରର ଡ୍ରାମା ସିନ୍ ଓଡ଼ିଶା ଭିତରେ ଏବଂ ଗୀତ ବାହାର ଲୋକେସନ୍‌ରେ ...ହେବ ବୋଲି ପ୍ରଯୋଜକ ଦେବାଶିଷ ମହାନ୍ତି କହିଛନ୍ତି । ■

ମୌନିଙ୍କ ବିବାହ ବିଚ୍ଛେଦ

ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ମୌନି ରାୟଙ୍କ ବିବାହ ବିଚ୍ଛେଦ ଘଟିଛି । ମୌନି ଏବଂ ସୁରଜ ନାମ୍ବିଆର ଅଲଗା ହେବେ ବୋଲି ଦୀର୍ଘ ଦିନ ହେବ ଚର୍ଚ୍ଚା ହେଉଥିଲା । ଏବେ ଦୁହେଁ ଦୀର୍ଘ ୪ ବର୍ଷ ପରେ ପରସ୍ପରଠାରୁ ଅଲଗା ହେବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଦୁହେଁ ପାରସ୍ପରିକ ବୁଝାମଣା ଓ ସମ୍ମାନର ସହିତ ଆଗକୁ ବଢ଼ିବା ନିଷ୍ପତ୍ତି ନେଇଥିବା କହିଛନ୍ତି । ସହମତିରେ ଦୁହେଁ ପରସ୍ପରଠାରୁ ନିଜ ନିଜ ରାସ୍ତା ଅଲଗା କରି ନେଇଛନ୍ତି । ସେମାନଙ୍କ ସମ୍ପର୍କ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲା । ପ୍ରଥମ ଥର ପାଇଁ ଦୁହିଁଙ୍କ ଭେଟ ଦୁବାଇରେ ହୋଇଥିଲା । ପ୍ରାୟ ଚାରି ବର୍ଷ ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଡେଟ୍ କରିଥିଲେ । ତେବେ ୨୦୨୨ ମସିହା ଜାନୁଆରୀ ୨୭ ତାରିଖରେ ଗୋଆରେ ବିବାହ ବନ୍ଧନରେ ସୁରଜ ଓ ମୌନି ଆବଦ୍ଧ ହେଲେ । ଅନ୍ୟପଟେ ଦୁହିଁଙ୍କ ବିବାହ ବିଚ୍ଛେଦ ଘଟିଥିଲେ ବି ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଯୋଗାଯୋଗ ରହିବ । ■

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୮ ଜୁନ୍ ୨୦୨୬

ଦୁର୍ନୀତି ମୁକ୍ତ ଭାରତ

ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍ ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ଯ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ । ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉତ୍କୋଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉତ୍କୋଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍ ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉତ୍କୋଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉତ୍କୋଚ, ଚାକିରୀ ପାଇଁ ଉତ୍କୋଚ, ବିଭିନ୍ନ କାମପାଇଁ ଉତ୍କୋଚ, ବିଭିନ୍ନ ଅଫିସରେ ଉତ୍କୋଚ, ଏହିପରି ଅନେକ ଉତ୍କୋଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉତ୍କୋଚରେ ଆଗକୁ ଯିବନାହିଁ । ଉତ୍କୋଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚିଯାଉଛି । ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ୱା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର । ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୁଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ଭ୍ରଷ୍ଟାଚାର ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ(ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା । ପରବର୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ ।ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ଯା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି । ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି ।

ସର୍ପାଘାତ !

ମାନବୀୟ ଅସ୍ତିତ୍ୱ ସହିତ ସେଇ ଲେଖକୀୟ ଚେତନାର କସରତ ହିଁ ହୋଇଥାଏ ଏଭଳି ରଚନାର ବା ସାହିତ୍ୟର ଅସଲ ଅନ୍ତର୍ନିହିତ ଶକ୍ତି ଓ ପରିଚୟ । କୌଣସି ମେସିନ କେବେ ଏଭଳି କସରତରେ ଅଂଶଗ୍ରହଣ କରି ନ ଥାଏ; ତେଣୁ ତାହା କେବେହେଲେ ଏଭଳି ଲେଖକଙ୍କର ସ୍ଥାନ ନେଇପାରିବ ନାହିଁ । 'ଏଆଇ'ର ଆଗମନ ପରେ କେବଳ ଜମିର୍ ନଜିରଙ୍କ ପରି ଲେଖକମାନେ ଅନାବଶ୍ୟକ ହୋଇପଡ଼ିବେ ଯାହା । କେତେଦିନ ତଳେ କମନ୍ୱେଲ୍ଥ ଦ୍ୱାରା ଆୟୋଜିତ ଏକ ସମ୍ମାନଜନକ କ୍ଷୁଦ୍ରଗଳ୍ପ ପ୍ରତିଯୋଗିତାରେ ତ୍ରିନିଡାଡ୍ର ୬୧ ବର୍ଷୀୟ ଲେଖକ ଜମିର୍ ନଜିରଙ୍କର ଗଳ୍ପ 'ଦି ସର୍ପେଟଂ ଇନ୍ ଦି ଗ୍ରୋଭ୍' ('ଉପବନରେ ସର୍ପ')କୁ ବିଜୟୀ ଘୋଷଣା କରାଯାଇଥିଲା । ଏହା ପରେ ପରେ ମର୍ଯ୍ୟାଦାଜନକ ପତ୍ରିକା 'ଗ୍ରାଟାଂ' ଏହାକୁ ଆଗ୍ରହ ସହକାରେ ପ୍ରକାଶ କରିଥିଲା । ଏହା ପ୍ରକାଶ ପାଇବା ମାତ୍ରେ କିନ୍ତୁ ଏଥିପ୍ରତି ଅନେକ ସାହିତ୍ୟ ସମାଲୋଚକ ଓ ଅନ୍‌ଲାଇନ୍ ମନ୍ତବ୍ୟକାରମାନଙ୍କ ତରଫରୁ ଯେଉଁଭଳି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଦେଖାଯାଇଛି ତାହା ଚୟନକର୍ତ୍ତା, ଲେଖକ () ଓ କମନ୍ୱେଲ୍ଥ ସଂଗଠନ ପାଇଁ ଏକ ବିଷାକ୍ତ ସର୍ପ ଦଂଶନ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଏଇ ସମାଲୋଚକମାନେ ଜୋର୍ ଦେଇ କହିଥାନ୍ତି ଯେ ସେମାନେ ପରୀକ୍ଷା କରି ସାବ୍ୟସ୍ତ କରିଛନ୍ତି ଉକ୍ତ ବିଜୟୀ ଗଳ୍ପଟି ହେଉଛି ସଂପୂର୍ଣ୍ଣ ରୂପେ 'ଏଆଇ' ଦ୍ୱାରା ଲିଖିତ- ଏଥିରେ ନଜିରଙ୍କର ଗୋଟିଏ ବି ନିଜସ୍ୱ ବାକ୍ୟ ନାହିଁ! ଜମିର୍ ନଜିରଙ୍କର ଏଇ ଚଟଂକତା ଯଦି ସତ ହୋଇଥାଏ, ତେବେ ଏହା କେବଳ ସାହିତ୍ୟ ଜଗତରେ ଏକ କୌତୂହଳ ଉଦ୍ଦୀପନକାରୀ ଘଟଣା ରୂପେ ବିବେଚିତ ହେବ ନାହିଁ, ଏହା ହେବ ସାଂସ୍କୃତିକ ଦୁନିଆରେ ଏକ ଯୁଗାନ୍ତକାରୀ ଘଟଣା । ଶତାବ୍ଦୀ ଶତାବ୍ଦୀ ଧରି, ମନୁଷ୍ୟ ଲେଖିପଢ଼ି ଶିଖିବା ପରଠାରୁ ବର୍ତମାନ ସମୟ ପର୍ଯ୍ୟନ୍ତ ସୃଜନାତ୍ମକ ରଚନାକୁ - ରାମାୟଣ, ମହାଭାରତରୁ 'କ୍ୟାଚର୍ ଇନ୍ ଦି ରାଏ' ପର୍ଯ୍ୟନ୍ତ - ଏକ ଅନନ୍ୟ ରୂପେ ମାନବୀୟ କାର୍ଯ୍ୟ ରୂପେ ସ୍ୱୀକାର କରାହୋଇ ଆସିଥିଲା - ଏକ କ୍ଷେତ୍ର ଯେଉଁଠି ଲେଖକର ଏକ ସଂପୂର୍ଣ୍ଣ ରୂପେ ବ୍ୟକ୍ତିଗତ ଛାପା ବହନ କରୁଥିବା ଫଳାଫଳ ଉତ୍ପାଦନ କରିବା ଉଦ୍ଦେଶ୍ୟରେ କଳ୍ପନା, ସ୍ମୃତି, ଆବେଗ, ଓ ଅନୁଭୂତି ଆଦି ଏକତ୍ରିତ ହୋଇଥାନ୍ତି । ଯଦି ପ୍ରାକୃତିକ ମାନବୀୟ ମେଧା ପାଇଁ ସଂରକ୍ଷିତ ରହି ଆସିଥିବା ଏଇ କ୍ଷେତ୍ରରେ ଏବେ କୃତ୍ରିମ ମେଧା ବା 'ଏଆଇ'ର ଅନୁପ୍ରବେଶ ଘଟେ, ତା' ହେଲେ ଏହା ଯେଉଁ ପ୍ରଶ୍ନକୁ ଜନ୍ମଦିଏ, ତାହା ନୁହେଁ: 'ଏଆଇ' ଗଳ୍ପ ଉପନ୍ୟାସ ଲେଖିପାରିବ ନା ନାହିଁ? ନିଃସନ୍ଦେହରେ 'ଏଆଇ' ତାହା କରିପାରିବ । ଏଠାରେ ଯେଉଁ ପ୍ରଶ୍ନ ଅସଲ ଗୁରୁତ୍ୱ ବହନ କରିଥାଏ, ତାହା ହେଉଛି : ମେଧାଧାରୀ ମେସିନ ଯୁଗରେ ଜଣେ ଲେଖକ ହେବାର ଅର୍ଥ କ'ଣ ? ଏହା ସ୍ୱାଭାବିକ ଭାବରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥାଏ, ତାହା ହେଉଛି ଏକ ଆତଙ୍କିତ ଭାବ । ପାରମ୍ପରିକ ଭାବରେ ସାହିତ୍ୟ ମାନବୀୟ ଚେତନାର ଏକ ପରିପ୍ରକାଶ ରୂପେ ପରିଦୃଷ୍ଟ ହୋଇଆସିଛି । ଆମେ ଯେତେବେଳେ ମନୋଜ ଦାସ କିମ୍ବା ଓ ହେନ୍‌ରିଙ୍କର ଗଳ୍ପଟିଏ ପାଠ କରୁ, ସେତେବେଳେ ଆମେ କେବଳ କେତେଗୁଡ଼ିଏ ଶବ୍ଦ ଆସ୍ୱାଦନ କରି ନ ଥାଉ, ଆମେ ଲେଖକଙ୍କର ସଂସାର ସମ୍ବନ୍ଧୀୟ ଅନୁଭୂତିରେ ଅନୁପ୍ରବେଶ କରିଥାଉ । ଲେଖକ ଓ ପାଠକର ଚେତନା ମଧ୍ୟରେ ଘଟୁଥିବା ଏଇ ଭେଟ ହିଁ ହେଉଛି ସାହିତ୍ୟର ମୂଳାଧାର ତଥା ମୁଖ୍ୟ ଆକର୍ଷଣ । 'ଏଆଇ' ଏଇଠି ଅଡୁଆ ସୃଷ୍ଟି କରିଥାଏ । 'ଏଆଇ' ଉଚ୍ଚାଙ୍ଗ ଭାଷା ବ୍ୟବହାର କରିପାରିବ, ଶକ୍ତିଶାଳୀ ପ୍ଲଟ୍ ଉଦ୍ଭାବନ କରିପାରିବ, ପ୍ରଭାବଶାଳୀ ଚରିତ୍ର ସୃଷ୍ଟି କରିପାରିବ; କିନ୍ତୁ ନିଜେ କେବେହେଲେ କେ ?ଣସି ମାନବୀୟ ଆବେଗ - ସୁଖ, ଦୁଃଖ, ସ୍ନେହ, କ୍ରୋଧ, ବାଦ, ଆଶା, ନିରାଶା... - ଅନୁଭବ କରିପାରି ନ ଥାଏ । ଜଣେ ଲେଖକ ଭାବରେ 'ଏଆଇ' ଯେଉଁ ଭାବନା ପ୍ରକାଶ କରିଥାଏ, ସେ କେବେହେଲେ ସେ ଭାବନାର ଅଧିକାରୀ ହୋଇ ନ ଥାଏ । ତେବେ କୁହାଯାଇପାରେ, ମାନବ ଲେଖକମାନେ ଠିକ୍ ଏୟା ହିଁ କରି ନଥାନ୍ତି କି ? ସେମାନେ ବର୍ଣ୍ଣନା କରୁଥିବା ସ୍ଥାନ, କାଳ, ପାତ୍ର ସେମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ଉପରେ ଆଧାରିତ ନ ହୋଇ ଅନେକ ସମୟରେ କଳ୍ପନାପ୍ରସୂତ ହୋଇ ନ ଥାଏ କି ? 'ବାଲିରାଜା'ର ରଚୟିତା କାହ୍ନୁଚରଣ କେବେହେଲେ ନୈକାରେ ବାଲିଦ୍ୱୀପ ଯାତ୍ରା କରି ନ ଥିଲେ କି 'ହାମ୍‌ଲେଟ୍'ର ନାଟ୍ୟକାର ସେକ୍ସପିଅର୍ ଡେନ୍‌ମାର୍କର ରାଜକୁମାର ନ ଥିଲେ । ସ୍ୱୀକାର କରିବାକୁ ହେବ ଯେ 'ଏଆଇ' ବର୍ତମାନ ଏଭଳି କଳ୍ପନାର ଜାଲ ବୁଣିବାରେ ଅସାମାନ୍ୟ ପଟୁତା ପ୍ରଦର୍ଶନ କରୁଛି । ଏଥିସତ୍ତ୍ୱେ ମାନବ ଲେଖକ ଓ 'ଏଆଇ' ଲେଖକ ମଧ୍ୟରେ ଅନ୍ୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ରହିଛି, ଯାହା କେବେହେଲେ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇପାରିବ ନାହିଁ । ଜଣେ ମାନବ ଲେଖକ ଯେଉଁ ବିଷୟବସ୍ତୁ ବର୍ଣ୍ଣନା କରିଥାନ୍ତି, ତାହାକୁ ସେ କେବଳ କୌଣସି ଏକ ବିଶାଳ ଶବ୍ଦ ଭଣ୍ଡାରରୁ ଆହରଣ କରି ନଥାନ୍ତି; ସଂସାରର ଅସ୍ତିତ୍ୱ ହିଁ ହେଉଛି ତାହାର ଉତ୍ସ । ଏଇ ସଂସାରରେ ପରିଲକ୍ଷିତ ହେଉଥିବା ମାନବୀୟ ସଂପର୍କ, ମରଣଶୀଳତା, ଆଶା, ନିରାଶା, ସଫଳତା, ବିଫଳତା ଓ ନୈତିକ ଦ୍ୱନ୍ଦ୍ୱ ଆଦିର ପ୍ରତ୍ୟକ୍ଷ ଅନୁଭୂତି କିମ୍ବା ପରୋକ୍ଷ ପର୍ଯ୍ୟବେକ୍ଷଣ ହିଁ ଜଣେ ମାନବ ଲେଖକର କଳ୍ପନାକୁ ଖାଦ୍ୟ ଯୋଗାଇଥାଏ । ଅପର ପକ୍ଷେ 'ଏଆଇ' ପରି ଏକ ଯାନ୍ତ୍ରିକ ଲେଖକ କେବଳ ତାକୁ ଉପଲବ୍ଧ ଏକ ଅସୀମ ଶବ୍ଦ ଭଣ୍ଡାରରେ ସେ ଅନୁସନ୍ଧାନ କରି ଆବିଷ୍କାର କରୁଥିବା ବିଭିନ୍ନ ଢାଂଚକୁ ବ୍ୟବହାର କରି 'ସର୍ପେଟଂ ଇନ୍ ଦି ଗ୍ରୋଭ୍' ଭଳି କାହାଣୀଟିଏ ରଚନା କରି ଦେଇଥାଏ । ରଚିତ ବିଷୟବସ୍ତୁ ସମ୍ବନ୍ଧରେ ଏଇ କୃତ୍ରିମ ମେଧାଧାରୀ ଲେଖକଙ୍କର କୌଣସି ପ୍ରତ୍ୟକ୍ଷ ବା ପରୋଧ ଅନୁଭୂତି ନ ଥାଏ । ପ୍ରଖ୍ୟାତ ଜର୍ମାନ୍ ଦାର୍ଶନିକ ମାର୍ଟିନ୍ ହାଇଡେଗର୍ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ବିଙ୍ଗ୍ ଆଣ୍ଡ୍ ଟାଇମ୍' ('ସନ୍ନା ଓ ସମୟ')ରେ ପ୍ରଦର୍ଶିତ କରିଥିବା ଭଳି ନିଜର ଅସ୍ତିତ୍ୱ ସମ୍ବନ୍ଧରେ ତା'ର ସଚେତନତା ହିଁ ମନୁଷ୍ୟର ବୋଧଶକ୍ତିକୁ ରୂପ ପ୍ରଦାନ କରିଥାଏ । ସୀମିତ ସନ୍ନାଧାରୀ ମନୁଷ୍ୟ ନିଜ ଜୀବନର ଅର୍ଥ ଆବିଷ୍କାର ନିମିତ କରୁଥିବା ଅନୁସନ୍ଧାନ ହିଁ ତାକୁ ଲେଖିବା ପାଇଁ ପ୍ରବୃତ କରିଥାଏ । ଏକ ମେସିନର କିନ୍ତୁ ସ୍ମୃତି ରୋମନ୍ଥନ କରିବା ନିମିତ କୌଣସି ପିଲାବେଳ ନ ଥାଏ, ଆତଙ୍କିତ ବୋଧ କରିବା ନିମିତ କୌଣସି ଭବିଷ୍ୟତ ନ ଥାଏ, ନିଜକୁ ପ୍ରସ୍ତୁତ କରିବା ପାଇଁ କୌଣସି ମୃତ୍ୟୁ ତାକୁ ହାତଠାରି ଡାକୁ ନ ଥାଏ । ଅବଶ୍ୟ ଏଥି ସତ୍ତ୍ୱେ ମେସିନ ଏ ସବୁର ମର୍ମସ୍ପର୍ଶୀ ବର୍ଣ୍ଣନା କରିବାରେ ସକ୍ଷମ ହୋଇଥାଏ । ଯାହାକୁ ଜମିର୍ ନଜିରଙ୍କର ସଂଖ୍ୟାଧିକ ପାଠକପାଠିକାମାନଙ୍କ ଭଳି ପାଠକପାଠିକାମାନେ ଦ୍ୱିଧାହୀନ ଭାବରେ ଉପଭୋଗ କରିଥାନ୍ତି । କାହାଣୀଟି ଏକ ଆଲ୍‌ଗୋରିଦ୍‌ମ ଦ୍ୱାରା ରଚିତ ହୋଇଥାଉ କିମ୍ବା ମନୁଷ୍ୟ ଦ୍ୱାରା ରଚିତ ହୋଇଥାଉ, ସେମାନଙ୍କର କିଛି ଯାଏଆସ ନ ଥାଏ । ସେମାନେ ଯାହା ଖୋଜିଥାନ୍ତି ତାହା ହୋଇଥାଏ ଏକ ଚିତାକର୍ଷକ ଶୈଳୀ, ନିଖୁଣ ଶବ୍ଦ ସଂଯୋଜନା, ନିର୍ଭୁଲ୍ ବ୍ୟାକରଣ ଓ ସର୍ବୋପରି ଏକ ଆବିଷ୍କାରୀ କାହାଣୀ- ଯାହା ସମସ୍ତ 'ଏଆଇ' ଦ୍ୱାରା ଉତ୍ପାଦିତ ହୋଇପାରିବ । କିନ୍ତୁ ସମସ୍ୟା ଉପୁଜିଥାଏ ଯେତେବେଳେ ଆମେ ଏକ ନିର୍ଦ୍ଦିଷ୍ଟ କିସମର ମାନବ ଲେଖକଙ୍କ କଥା ବିଚାରକୁ ନେଇଥାଉ- ଯେମିତି ଫ୍ରାନ୍‌ଜ କାଫ୍‌କା କିମ୍ବା ଶାନ୍ତନୁ ଆଚାର୍ଯ୍ୟ । ଏଭଳି ଲେଖକମାନଙ୍କର କାଳଜୟୀ ଆବେଦନ ସେମାନଙ୍କର ଲିଖନ ଶୈଳୀ କିମ୍ବା ବ୍ୟାକରଣ ଉପରେ ପ୍ରତିଷ୍ଠିତ ନୁହେଁ, ତାହାର ଆଧାର ହେଉଛି ଏକ ନିର୍ଦ୍ଦିଷ୍ଟ ମାନବ ଆତ୍ମାକୁ ହନ୍ତସନ୍ତ କରୁଥିବା କୌଣସି ବିଚିତ୍ର କିସମର ଉଦ୍‌ବେଗ ବା ଉଦ୍‌ବେଗମାନ । ଏଠାରେ ପାଠକପାଠିକାମାନେ କେବଳ ଲେଖକଙ୍କର କାହାଣୀ ପ୍ରତି ଆକର୍ଷିତ ହୋଇ ନଥାନ୍ତି, ସେମାନେ ଅଧିକ ଆକର୍ଷିତ ହୋଇଥାନ୍ତି କାହାଣୀ ପଛରେ ଉପସ୍ଥିତ ଥିବା ଲେଖକର ଚେତନା ପ୍ରତି । ମାନବୀୟ ଅସ୍ତିତ୍ୱ ସହିତ ସେଇ ଲେଖକୀୟ ଚେତନାର କସରତ ହିଁ ହୋଇଥାଏ ଏଭଳି ରଚନାର ବା ସାହିତ୍ୟର ଅସଲ ଅନ୍ତର୍ନିହିତ ଶକ୍ତି ଓ ପରିଚୟ । କୌଣସି ମେସିନ କେବେ ଏଭଳି କସରତରେ ଅଂଶଗ୍ରହଣ କରି ନ ଥାଏ; ତେଣୁ ତାହା କେବେହେଲେ ଏଭଳି ଲେଖକଙ୍କର ସ୍ଥାନ ନେଇପାରିବ ନାହିଁ । 'ଏଆଇ'ର ଆଗମନ ପରେ କେବଳ ଜମିର୍ ନଜିହଙ୍କ ପରି ଲେଖକମାନେ ଅନାବଶ୍ୟକ ହୋଇପଡ଼ିବେ ଯାହା ।

ତେଲ ଦର କମ୍ କରି ହେବ କି !

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର ହୁ ହୁ ହୋଇ ବଢୁଥିବା ସତ୍ତ୍ୱେ ଭାରତରେ ୫ଟି ରାଜ୍ୟରେ ନିର୍ବାଚନ ଥିବାରୁ ତେଲ ଦର ଦୁଇ ମାସ ଧରି ଅପରିବର୍ତ୍ତିତ ରହିଲା । ଏବଂ ଫଳ ଘୋଷଣାର ସପ୍ତାହେ ପରଠାରୁ ପନ୍ଦର ଦିନ ମଧ୍ୟରେ ଚାରି ଦଫାରେ ପେଟ୍ରୋଲ ଓ ଡିଜେଲର ଦରକୁ ସାଢ଼େ ସାତ ଟଙ୍କାକୁ ବଢ଼ାଇ ଦିଆଗଲା । ବିଶ୍ୱର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ତେଲର ଦର ଅପେକ୍ଷାକୃତ କମ୍ ବୃଦ୍ଧି ପାଇଛି ବୋଲି କୁହାଯାଉଛି । ହେଲେ, ଯୁଦ୍ଧ ଆଗରୁ ଯେତେବେଳେ ତେଲର ଅନ୍ତର୍ଜାତୀୟ ଦର ବ୍ୟାରେଲ ପ୍ରତି ୭୦ ଡଲାରରୁ କମ୍ ଥିଲା, ସେତେ ବେଳେ ମଧ ଭାରତରେ ତେଲର ଦର ଉଚ୍ଚ ଥିଲା । ଭୂ-ରାଜନୈତିକ ଜଟିଳତା ବୃଦ୍ଧି ପାଇଲେ ତେଲ ଦର ଆହୁରି ବଢ଼ିବାର ଆଶଙ୍କା ରହିଛି । ତୈଳ ବିପଣନ କମ୍ପାନିଗୁଡ଼ିକର କ୍ଷତିକୁ କମ୍ କରିବା ଲାଗି ତେଲ ଦରକୁ ବଢ଼ାଇବାକୁ ପଡୁଛି ବୋଲି କୁହାଯାଉଛି । ତେବେ ପ୍ରଶ୍ନ ହେଲା, ତେଲ ଦର ବୃଦ୍ଧିରେ ଅତିଷ୍ଠ ଖାଉଟିଙ୍କ ବୋଝ ଲାଘବ କରିବା ଲାଗି ଅନ୍ୟ କିଛି ଉପାୟ କରିହେବ କି ? ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ, ପରିବହନ, ବୀମା ଓ ବିପଣନ ଖର୍ଚ୍ଚ ଉପରେ ଅନ୍ତର୍ଜାତୀୟ ଅଶୋଧିତ ତେଲର ଦର ନିର୍ଭର କରିଥାଏ । ଖାଉଟିଙ୍କୁ ମିଳୁଥିବା ପେଟ୍ରୋଲ ଓ ଡିଜେଲର ଦର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ନୀତି, ବିଶୋଧନ ଖର୍ଚ୍ଚ ଇତ୍ୟାଦି ଉପରେ ନିର୍ଭର କରେ । ଏବେ ପ୍ରାୟ ସବୁ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦର ୧୦୦ ଟଙ୍କା ଉପରେ । ଓଡ଼ିଶାରେ ତ ତାହା ଯଥାକ୍ରମେ ୧୦୯ ଓ ୧୦୧ ଟଙ୍କା ହେଲାଣି । ତେବେ, ତେଲ ଦରର ପ୍ରାୟ ୩୫-୪୫% ଅଂଶ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଭାବରେ ଆଦାୟ କରିଥାନ୍ତି । ନେଦରଲାଣ୍ଡସରେ ତେଲ ଉପରେ ୬୪.୫% ଟିକସ ଆଦାୟ ହୁଏ, ଯାହା ବିଶ୍ୱର ସର୍ବାଧିକ । ଅବଶ୍ୟ ୟୁରୋପୀୟ ଦେଶଗୁଡ଼ିକ ଭଳି ଜାପାନ, ସିଙ୍ଗାପୁର, ଦକ୍ଷିଣ କୋରିଆ ଭଳି କେତେକ ଏସୀୟ ଦେଶରେ ମଧ ଉଚ୍ଚ ଦରର ଟିକସ କଷା ହୋଇଥାଏ । ତେବେ ମାଲେସିଆ, ଇଣ୍ଡୋନେସିଆ, ନାଇଜେରିଆ ଭଳି ଅଧିକାଂଶ ବିକାଶଶୀଳ ଦେଶରେ ଟିକସ ଦର ଯଥେଷ୍ଟ କମ୍ । ଏପରି ସ୍ଥଳେ ମୁଣ୍ଡପିଛା ଆୟ ଦୃଷ୍ଟିରୁ ଯଥେଷ୍ଟ ତଳେ ଥିବା ଭାରତରେ ତେଲ ଉପରେ ଅତ୍ୟଧିକ ଟିକସ ଲାଗିବା ଚିନ୍ତାର ବିଷୟ । ତେଣୁ ଟିକସକୁ କମ୍ କରିବାର ଆବଶ୍ୟକତା ରହିଛି । ଏବେ ମଧ ପେଟ୍ରୋଲ ଓ ଡିଜେଲ ଜିଏସଟି ଅନ୍ତର୍ଭୁକ୍ତ ହୋଇନାହିଁ । ତେଣୁ ବିଭିନ୍ନ ରାଜ୍ୟ ଏହା ଉପରେ ଭାଟ୍ (ଭେଲ୍ୟୁ ଏଡେଡ୍ ଟ୍ୟାକ୍ ?ସ) ଲଗାଉଛନ୍ତି । ତେଲେଙ୍ଗାନାରେ ଏହା ସର୍ବାଧିକ ଯଥାକ୍ରମେ ୩୫% ଓ ୨୭% ହୋଇଥିବା ବେଳେ ଓଡ଼ିଶାରେ ଯଥାକ୍ରମେ ୨୮ ଓ ୨୪ ପ୍ରତିଶତ, ଯେଉଁ କାରଣରୁ ସର୍ବାଧିକ ଭାଟ୍ ଲଗାଉଥିବା ୭ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି । ଅନେକ ବିକଶିତ ରାଜ୍ୟରେ ଏହି ଭାଟ୍ ଦର କମ୍ । ତେଣୁ ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟରେ ଏଭଳି ଉଚ୍ଚା ଭାଟ୍ ଅସମୀଚୀନ ଭଳି ମନେ ହୁଏ । ତା' ଛଡ଼ା ଏହା ତେ ?ଳ ଦରର ଶତାଂଶ ରୂପେ ଆଦାୟ ହେଉଥିବାରୁ ତେଲ ଦର ବୃଦ୍ଧି ପାଇବା ସହ ଭାଟ୍‌ର ପରିମାଣ ମଧ ବଢ଼ିଯାଇଥାଏ । ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଛି । ହେଲେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏଥିପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି । ଏବେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ଟ. ୧୧.୯୦ ଓ ଟ. ୭.୮୦ ଟିକସ ଆଦାୟ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ପେଟ୍ରୋଲ ଉପରେ ଆଦାୟ ହେଉଥିବା ଟିକସ ରାଶିରୁ ମାତ୍ର ଟ. ୧.୪୦ ମୂଳ ଅବକାରୀ ଶୁଳ୍କ ଭାବେ ଆଦାୟ ହେଉଛି, ଯେଉଁଥିରୁ ରାଜ୍ୟଗୁଡ଼ିକୁ ସେମାନଙ୍କ ଭାଗ ଦିଆଯାଇଥାଏ । ଅବଶିଷ୍ଟ ଟ. ୧୦.୫୦ (ରାସ୍ତା ଓ ଭିତ୍ତିଭୂମି ସେସ୍- ୫ ଟଙ୍କା, କୃଷି ଭିତ୍ତିଭୂମି ଓ ବିକାଶ ସେସ୍- ୨.୫୦ ଟଙ୍କା ଓ ବିଶେଷ ଅତିରିକ୍ତ ଅବକାରୀ ଶୁଲ୍ ?କ- ୩ ଟଙ୍କା)ରୁ ରାଜ୍ୟଗୁଡ଼ିକ କିଛି ପାଇ ନଥାନ୍ତି । ଫଳରେ କେନ୍ଦ୍ର ସରକାର ବାର୍ଷିକ ୨-୩ ଲକ୍ଷ କୋଟି ଟଙ୍କାର ବିପୁଳ ପାଣ୍ଠି ସଂଗ୍ରହ କରୁଛନ୍ତି । ପେଟ୍ରୋଲ ଓ ଡିଜେଲ ଜିଏସ୍ ?ଟି ବହିର୍ଭୂତ ହୋଇଥିବାରୁ ରାଜ୍ୟଗୁଡ଼ିକ ଲାଗି ମଧ ଭାଟ୍ ଏକ ନିର୍ଭରଯୋଗ୍ୟ ସ୍ୱାଧୀନ ଆୟରେ ପରିଣତ ହୋଇଛି । ଏଣେ, କେନ୍ଦ୍ର ସରକାରଙ୍କ ନିକଟରୁ ଜିଏସ୍‌ଟିର ପ୍ରାପ୍ୟ ପାଇବାରେ ରାଜ୍ୟଗୁଡ଼ିକୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି । ତେଣୁ ରାଜ୍ୟଗୁଡ଼ିକ ପେଟ୍ରୋଲ ବା ଡିଜେଲ ଲାଗି ଜିଏସଟି ଚାହୁଁ ନାହାନ୍ତି । ପେଟ୍ରୋଲ ଓ ଡିଜେଲ ଜିଏସଟି ଅନ୍ତର୍ଭୁକ୍ତ ହେଲେ ଏହା ଉପରେ ସର୍ବାଧିକ ଟିକସ ୨୮%ରେ ସୀମିତ ରହନ୍ତା । ଫଳରେ ତେଲ ଦର ଲିଟର ପିଛା ପ୍ରାୟ ୧୫ ଟଙ୍କା ହ୍ରାସ ପାଇପାରନ୍ତା । ଏଣୁ ଜନ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯିବା ନିତାନ୍ତ ଜରୁରି । ସାରା ଦେଶରେ ଇଣ୍ଡିଆନ ଅଏଲ (ଆଇଓସିଏଲ), ହିନ୍ଦୁସ୍ତାନ ପେଟ୍ରୋଲିଅମ (ଏଚପିସିଏଲ), ଭାରତ ପେଟ୍ରୋଲିଅମ (ବିପିସିଏଲ) ଭଳି ସରକାରୀ ତୈଳ ବିପଣନକାରୀ କମ୍ପାନିଗୁଡ଼ିକ ଜରିଆରେ ପ୍ରାୟ ୯୦% ତୈଳ କାରବାର ହୋଇଥାଏ । ଏମାନଙ୍କ ଆୟ ଦୁଇ ପ୍ରକାରର : ପ୍ରଥମଟି 'ମୋଟ ବିଶୋଧନ ଲାଭ' (ଗ୍ରସ ରିଫାଇନିଂ ମାର୍ଜିନ- ଜି.ଆର.ଏମ.), ଯାହା ତେଲ ବିଶୋଧନରୁ ମିଳିଥାଏ । ପ୍ରତି ୧୦୦ ଲିଟର ଅଶୋଧିତ ତେଲର ବିଶୋଧନ ପରେ ସେଥିରୁ ସାଧାରଣତଃ ପ୍ରାୟ ୪୦-୪୫ ଲିଟର ପେଟ୍ରୋଲ, ୨୫-୩୦ ଲିଟର ଡିଜେଲ, ୮-୧୦ ଲିଟର କିରୋସିନି, ଏଟିଏଫ ଓ ଜେଟ ଫୁଏଲ, ୩-୫ ଲିଟର ଏଲ.ପି.ଜି., ୫-୧୦ ଲିଟର ନାଫତା ଓ ପେଟ୍ରୋକ୍ୟାମିକାଲ, ୨-୮ ଲିଟର ଫୁଏଲ ଅଏଲ, ୫-୧୦ ଲିଟର ଆଲକାତରା, ମହମ, ଲୁବ୍ରିକାଂଟ ଇତ୍ୟାଦି ମିଳିଥାଏ । କହିବା ବାହୁଲ୍ୟ ଯେ ଏ ସମସ୍ତ ପେଟ୍ରୋଲିଅମଜାତ ପଦାର୍ଥର ବିକ୍ରିରୁ ତୈଳ ବିପଣନ କମ୍ପାନିଗୁଡ଼ିକୁ ପ୍ରଚୁର ଅର୍ଥ ମିଳିଥାଏ । ଏହି ପରିମାଣ ଅର୍ଥରୁ ଅଶୋଧିତ ତେଲ କିଣା ବାବଦ ବ୍ୟୟକୁ ବାଦ ଦେଇ ସମୁଦାୟ ବିଶୋଧିତ ତେଲ ପରିମାଣରେ ଭାଗ କଲେ ତୈଳ ବିପଣନ କମ୍ପାନିର 'ମୋଟ ବିଶୋଧନ ଲାଭ' ବା 'ଜି.ଆର.ଏମ.' ଜଣାପଡ଼ିଥାଏ । ଏସିଆରେ 'ସିଙ୍ଗାପୁର 'ଜି.ଆର.ଏମ.'କୁ ମାନକ ରୂପେ ଗ୍ରହଣ କରାଯାଏ । ତଦନୁଯାୟୀ ବ୍ୟାରେଲ (ପ୍ରାୟ ୧୫୯ ଲିଟର) ପିଛା 'ଜି.ଆର.ଏମ.' ୩-୬ ଡଲାର ମଧ୍ୟରେ ରହିଲେ ତାହା 'ଚଳନୀୟ' ବୋଲି କୁହାଯିବ । ତାହା ୧୦ ଡଲାରରୁ ବେଶି ହେଲେ 'ଅତ୍ୟଧିକ' ବୋଲି ଧରାଯାଏ । ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଆର୍ଥିକ ବର୍ଷରେ ସରକାରୀ ତୈଳ ବିପଣନ କମ୍ପାନିଗୁଡ଼ିକର 'ଜି.ଆର.ଏମ.' ବୃଦ୍ଧି ପାଇ ଶେଷାର୍ଦ୍ଧରେ ୧୨ ଡଲାରରୁ ଅଧିକ ହୋଇସାରିଥିଲା । ଫଳରେ କମ୍ପାନିଗୁଡ଼ିକର 'ଜି.ଆର.ଏମ.' ଜନିତ ଲାଭ ଯଥେଷ୍ଟ ଅଧିକ । ସେହିଭଳି ଏହି କମ୍ପାନିଗୁଡ଼ିକର ଦ୍ୱିତୀୟ ପ୍ରକାର ଆୟଟି ହେଉଛି ତୈଳ ବିପଣନ ଲାଭ (ମାର୍କେଟିଂ ମାର୍ଜିନ), ଯାହା ପେଟ୍ରୋଲ, ଡିଜେଲ ଓ ଅନ୍ୟ ପେଟ୍ରୋଲିଅମଜାତ ଦ୍ରବ୍ୟର ବିକ୍ରିରୁ ମିଳିଥାଏ । ୨୦୨୬ ଆର୍ଥିକ ବର୍ଷରେ କମ୍ପାନିଗୁଡ଼ିକର ହାରାହାରି ମାର୍କେଟିଂ ମାର୍ଜିନ ୮.୫ରୁ ୧୦ ଟଙ୍କା ଥିଲା । ଫଳରେ କେବଳ ଏହି ଗୋଟିଏ ବର୍ଷରେ କମ୍ପାନିଗୁଡ଼ିକର ଲାଭ ୮୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ଶତାବ୍ଦୀର ଶେଷ ଦଶକରେ ପୁଞ୍ଜି ପ୍ରତ୍ୟାହୃତ ହୋଇ ସରକାରୀ ତୈଳ ବିପଣନ କମ୍ପାନିଗୁଡ଼ିକ ସେଆର ବଜାରରେ ପଞ୍ଜୀକୃତ (ଲିଷ୍ଟେଡ) ହେବା ପରଠାରୁ ସେଗୁଡ଼ିକ ନିବେଶକଙ୍କ ନିକଟରେ ଉତ୍ତରଦାୟୀ ଓ ସେଗୁଡ଼ିକୁ ଅଧିକରୁ ଅଧିକ ଲାଭ ଦର୍ଶାଇବାକୁ ହେଉଛି । ତେଣୁ ସାଧାରଣ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ଅପେକ୍ଷା ନିବେଶକଙ୍କ ସ୍ୱାର୍ଥ ରକ୍ଷା ସେମାନଙ୍କ ପ୍ରାଥମିକତା ହେବା ସ୍ୱାଭାବିକ । ଅର୍ଥାତ୍, ଅଧିକ ଲାଭ କରି ନିବେଶକଙ୍କୁ ଉଭୟ ଲାଭାଂଶ ଓ ସେଆରର ମୂଲ୍ୟ ବୃଦ୍ଧି ଜନିତ 'କ୍ୟାପିଟାଲ ଗେନ୍'ର ଅଂଶ ଦେବାକୁ ହେଉଛି । ତେବେ ଏବେ ବି ଏଗୁଡ଼ିକର ଅଂଶଧନର ସିଂହଭାଗ ସରକାରଙ୍କ ନିକଟରେ ଥିବାରୁ ସରକାର ହିଁ ଏହା ଦ୍ୱାରା ସର୍ବାଧିକ ଲାଭବାନ ହେଉଛନ୍ତି । କିନ୍ତୁ ଜନସ୍ୱାର୍ଥ ଦୃଷ୍ଟିରୁ ତୈଳ ବିପଣନରେ କେବଳ ଲାଭ ଖୋଜିବା ଅନୁଚିତ । ଏହାକୁ ଏକ ଅତ୍ୟାବଶ୍ୟକ ସେବା ରୂପେ ଗ୍ରହଣ କରିବାକୁ ହେବ । କାରଣ ତେଲ ହେଉଛି ବିକାଶର ଇଞ୍ଜିନ । ତେଣୁ ଏହି କମ୍ପାନିଗୁଡ଼ିକୁ ପୂର୍ବାବସ୍ଥାକୁ ଫେରାଇ ଆଣି 'ବିନା ଲାଭକ୍ଷତି'ରେ ପରିଚାଳନା କରାଯିବା ବିଧେୟ । ୨୦୧୦ ମସିହାରେ ପେଟ୍ରୋଲ ଓ ୨୦୧୪ ମସିହାରେ ଡିଜେଲର ଦର ନିୟନ୍ତ୍ରଣ ବହିର୍ଭୂତ ହୋଇ 'ବଜାର ସଂଯୁକ୍ତ' ହେବା ପରେ ଆଶା କରାଯାଉଥିଲା ଯେ ଅନ୍ତର୍ଜାତୀୟ ବଜାରରେ ତେଲର ଦର କମିଲେ ଖାଉଟିଙ୍କ ପାଇଁ ଦର ଶସ୍ତା ହେବ । କିନ୍ତୁ ଗତ ୧୦ ବର୍ଷ ଧରି ଅନ୍ତର୍ଜାତୀୟ ବଜାରରେ ତେଲର ଦର ନିମ୍ନ ସ୍ତରରେ ଥିବା ସତ୍ତ୍ୱେ ଭାରତରେ ଖାଉଟିଙ୍କୁ ତା'ର ଲାଭ ମିଳି ନାହିଁ, ବରଂ ସେମାନଙ୍କୁ ଅଧିକ ଦାମ ଦେବାକୁ ହୋଇଛି । ସେହି ଦୃଷ୍ଟିରୁ ଅନ୍ତର୍ଜାତୀୟ ବଜାରରେ ତେଲର ଦର ବଢ଼ିବା ହେତୁ ତେଲ କମ୍ପାନିଗୁଡ଼ିକର କ୍ଷତି ହେଉଛି ବୋଲି ତେଲ ଦର ବୃଦ୍ଧି ସପକ୍ଷରେ ପ୍ରସ୍ତୁତ ବଖାଣ ଯୁକ୍ତିଯୁକ୍ତ ନୁହେଁ । ଉଲ୍ଲେଖଯୋଗ୍ୟ ଯେ ଗତ ୧୦ ବର୍ଷ ମଧ୍ୟରେ ତୈଳ ବିପଣନ କମ୍ପାନିଗୁଡ଼ିକ ପ୍ରାୟ ୪ ଲକ୍ଷ କୋଟି ଟଙ୍କାରୁ ବେଶୀ ଲାଭ କରିଛନ୍ତି । ଇଂରେଜ ଶାସନ ଅମଳରେ ଲୁଣ ଉପରେ ଅଧିକ ଟିକସ ଲଗାଯାଉଥିଲା, କାରଣ ତଦ୍ୱାରା ସହଜରେ ସର୍ବାଧିକ ଲୋକଙ୍କୁ ଟିକସ ଜାଲରେ ଛନ୍ଦା ଯାଇ ଅଧିକ ଆୟ କରି ହେଉଥିଲା । ବର୍ତ୍ତମାନ ତେଲ ଉପରେ ଲାଗୁ ଟିକସ ପୂର୍ବର ଲୁଣ ଟିକସ ସହ ତୁଳନୀୟ । ତେଲ ଦର ବଢ଼ିଲେ କୃଷି, ବ୍ୟବସାୟ, ଶିଳ୍ପ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସବୁ କ୍ଷେତ୍ର ଆକ୍ରାନ୍ତ ହୁଅନ୍ତି । ଏହାର ସାମଗ୍ରିକ ପ୍ରତିକୂଳ ପ୍ରଭାବ ଅର୍ଥନୀତି ଉପରେ ପଡ଼ିଥାଏ । ପରିବର୍ତ୍ତିତ ଭୂ-ରାଜନୈତିକ ପରିସ୍ଥିତିରେ ଅନ୍ତର୍ଜାତୀୟ ତୈଳ ଦରରେ ଅସ୍ଥିରତା ଲାଗିରହିବା ସ୍ୱାଭାବିକ ହୋଇଥିଲେ ହେଁ ଦରକୁ କିପରି ନିମ୍ନ ସ୍ତରରେ ରଖି ହେବ, ତାହା ଖୋଜି ବାହାର କରିବାକୁ ହେବ ।

ଅଭିଶପ୍ତ ମୁକ୍ତା

୧୯୪୭ ମସିହାରେ ପ୍ରକାଶିତ ହୋଇଥିଲା ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଜନ୍ ଷ୍ଟେଇନବେକ୍‌ଙ୍କ କାଳଜୟୀ ଉପନ୍ୟାସ 'ଦ ପର୍ଲ' ବା ମୁକ୍ତା । ତହିଁରେ ବର୍ଣ୍ଣିତ ହୋଇଥିଲା କିଭଳି ଲୋଭ, ବସ୍ତୁବାଦୀ ମନୋଭାବ, ସଂପଦ ଆହରଣର ଲିପ୍ସା ବିଧ୍ୱଂସକାରୀ ହୋଇପାରେ । ଏହି କ୍ଷୁଦ୍ର ଉପନ୍ୟାସର ନାୟକ କିନୋ ସକାଶେ ସେ ପାଇଥିବା ମୁକ୍ତା, ଯଦିଓ ତା'ର ପୀଡ଼ିତ ସନ୍ତାନ ଲାଗି ଆଶା ସଂଚାର କରିଥିଲା, ଅବଲୀଳା କ୍ରମେ ତାହା ତା'ର ମଙ୍ଗଳ ପରିବର୍ତ୍ତେ ବିନାଶର କାରଣ ହୋଇଥିଲା । ତା'ର ପରିବାର ଉଜୁଡ଼ି ଯାଇଥିଲା । ଷ୍ଟେଇନବେକ ତହିଁରେ କହିବାକୁ ଚାହିଁଛନ୍ତି ଯେ ସଂପଦ କଦାଚିତ୍ ସୁଖର ଗ୍ୟାରେଂଟି ଦେଇ ନ ଥାଏ । ସେହି ଉପନ୍ୟାସରୁ ପ୍ରାପ୍ତ ନୀତି ବାଣୀର ଆଲୋକରେ ଆଜି ଆମେ 'ବିକାଶ'ର ପ୍ରକୃତ ଅର୍ଥକୁ ଖୋଜିବା ଆବଶ୍ୟକ । ଏବେ ସମସ୍ତେ ଧାଇଁଛନ୍ତି 'ବିକାଶ' ପଛରେ । କିନ୍ତୁ, ପ୍ରଶ୍ନ ହେଲା, ସମୃଦ୍ଧ ଅର୍ଥନୀତି ହାସଲ କରିବାର ଉଚ୍ଚାକାଂକ୍ଷାରୁ ଯେଉଁ ବିକାଶ ମାନବ ଜାତି ଲାଗି ଉପଲବ୍ଧ ହେଉଛି, ତାହା କ'ଣ ପ୍ରକୃତ ବିକାଶ ବିକାଶ ଯାହାକୁ ଆମେ ସଭ୍ୟତାର ସଫଳତାର ଉତ୍ସବ ବୋଲି ଭାବୁଥାଏଁ, ପ୍ରକୃତରେ ତାହା ସେହି ଭଳି କି ? ନା ତାହା ଏକ ମର୍ମନ୍ତୁଦ ବିଭ୍ରାନ୍ତି ? ଅତୀତର ଯେଉଁ ବିନ୍ଦୁରୁ ଏହି ବିକାଶର ଧାରା ଆରମ୍ଭ ହେଲା, ସେହି ବିନ୍ଦୁରେ ମଣିଷ ପ୍ରକୃତି ଠାରୁ ଦୂରେଇବା ଆରମ୍ଭ କଲା । ତା' ପୂର୍ବରୁ ମନୁଷ୍ୟ ଓ ପ୍ରକୃତି ଥିଲେ ପରସ୍ପର ଉପରେ ନିର୍ଭରଶୀଳ ଓ ପରସ୍ପରାଶ୍ରୟୀ; କୁମ୍ଭୀର ଓ ପ୍ଲୁଭର ଚଢ଼େଇ ଭଳି । ଏହି ବିକାଶ ତା' ପିଠିରେ ବହନ କରି ଆସିଥିବା ପରିବର୍ତ୍ତନର କ୍ରମରେ ଦେଖା ଦେଲା ପ୍ରକୃତିକୁ ନିୟନ୍ତ୍ରଣ କରିବାର ଦୁର୍ବାର ଆଗ୍ରହ, ପ୍ରକୃତି ଉପରେ ମଣିଷର ଅଧିକାର ଦାବି ଓ ପ୍ରକୃତିକୁ ଅବିଚାରିତ ଭାବେ ଶୋଷଣ କରିବାର ଉଦ୍‌ଗ୍ରୀବତା । ତେଣୁ, କହିବା ବାହୁଲ୍ୟ ଯେ ଆଜିର ବିକାଶ ହେଉଛି ପରଜୀବୀ; ଅର୍ଥାତ୍ ବଂଚି ରହିବାରେ ପାରସ୍ପରିକତା ନାହିଁ; ଅଛି ଗୋଟିଏକୁ ଶୋଷଣ କରି ଅନ୍ୟଟି ପରିପୁଷ୍ଟ ହେବାର ସୂତ୍ର । ଏହାର ଭିତ୍ତି ପଡ଼ିଥିଲା ଶିଳ୍ପ ବିପ୍ଳବର ସୂତ୍ରପାତରେ ଏବଂ ଦରିଆ ପଥରେ ଅଜ୍ଞାତ ମୁଲକରେ ଉପନିବେଶ ସ୍ଥାପନରେ । ସୁତରାଂ, ବିକାଶର ଯେଉଁ ବାତାବରଣ ଗଢ଼ିଉଠିଲା ତାହାର ଆଧାର ହୋଇଥିଲା ପ୍ରାକୃତିକ ସଂପଦର ଲୁଟ୍ ଏବଂ ଉପନିବେଶରେ ପରିଣତ ହୋଇଥିବା ଦୁର୍ବଳ ରାଷ୍ଟ୍ରଗୁଡ଼ିକର କଚାଂମାଲ ଓ ଶ୍ରମ ଶକ୍ତି ହରଣ କରିବାର ପ୍ରକରଣ । ପ୍ରାଚୀନ ରୋମରେ ପ୍ରଚଳିତ କ୍ରୀତଦାସଙ୍କ ଠାରୁ, ଉନବିଂଶ-ବିଂଶ ଶତାବ୍ଦୀରେ ଭାରତରୁ ପ୍ରେରିତ କେରିବୀୟ ଦ୍ୱୀପର ଆଖୁ ଚାଷରେ ନିୟୋଜିତ ଶ୍ରମିକଙ୍କୁ ଅଲଗା କରି ଦେଖି ହେବ କି ? ଆଜିର ଭାରତୀୟ ସଫ୍‌ଟୱେର ଇଂଜିନିଅରମାନେ ଆମେରିକାର ସ୍ୱପ୍ନର 'ସିଲିକନ ଭେଲି'କୁ ଗଢ଼ି ତୋଳିଛନ୍ତି, କିନ୍ତୁ ଆମେରିକାର ଦୃଷ୍ଟିରେ ସେମାନେ, ରାମଚନ୍ଦ୍ର ଗୁହା, ଠାଏ କହିଥିବା ଭଳି ଟେକ୍‌ନୋ କୁଲି ମାତ୍ର ! ତା' ହୋଇ ନ ଥିଲେ 'ଏଚ୧ବି ଭିସା' ନ ଦେବା ଲାଗି ଧମକ ଶୁଭନ୍ତା କାହିଁକି ? ସୁତରାଂ, ଏହି ବିକାଶର ମଞ୍ଜିଟି ନିହିତ ଅଛି ଶୋଷଣରେ, ତେଣିକି ସେ ହୋଇଥାଉ ମାନବ ସମ୍ବଳ ଅଥବା ପ୍ରାକୃତିକ ସଂସାଧନ ! ଏହି ବର୍ଷ ତିନିଟି ମହାନ ଐତିହାସିକ ଘଟଣାର ୨୫୦ ବର୍ଷ ପୂର୍ତ୍ତି ହେଉଛି । ଆଦାମ୍ ସ୍ମିଥ୍‌ଙ୍କ 'ଦ ୱେଲ୍‌ଥ ଅଫ ନେସନ୍‌ସ' ପୁସ୍ତକର ପ୍ରଥମ ପ୍ରକାଶନକୁ ଚଳିତ ବର୍ଷ ୨୫୦ ବର୍ଷ ପୂରିଲା । ସେହି ପୁସ୍ତକରେ ସ୍ମିଥ ମୁକ୍ତ ବଜାରର ଅନ୍ତର୍ନିହିତ ଯଥାର୍ଥତା ଉପରେ ଜୋର ଦେଇଥିଲେ । ପୁଞ୍ଜିବାଦ, ଉପଭୋକ୍ତାବାଦ କେନ୍ଦ୍ରିକ ଅର୍ଥନୀତିର ମୂଳ ଭିତି ହେଉଛି ସ୍ମିଥଙ୍କ ଏହି ଦର୍ଶନ, ଯାହା ଏକ ଇନ୍ଧନ ରୂପେ ଆଜିର ବିକାଶର ଗାଡ଼ିକୁ ଟାଣୁଛି ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଅପହରଣ, ଲୁଟ୍ ଓ ଦାଦାବଟି ମାମଲାରେ ୫ ଗିରଫ

ଦେଶୀ ପିସ୍ତଲ ସହ ମାରଣାସ୍ତ୍ର ଜବତ

ସମ୍ବଲପୁର,୭/୬(ନି/ପ୍ର):ସମ୍ବଲପୁର ଜିଲ୍ଲା ସଦର ଥାନା ପୋଲିସ ଅପହରଣ, ଲୁଟ୍ ଓ ଦାଦାବଟି ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଏକ ଦେଶୀ ପିସ୍ତଲ, ତିନିଟି ଧାରୁଆ ଛୁରୀ, ଗାଡ଼ି ଓ ନଗଦ ଟଙ୍କା ଜବତ କରିଛି। ଏ ସମ୍ପର୍କରେ ସଦର ଥାନାରେ ଗତ ୩ ତାରିଖରେ ୧୭୦/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ସୂଚନା ଅନୁସାରେ, କୁଚିଣ୍ଡା ଥାନା ଅନ୍ତର୍ଗତ କଟାରକେଲା ଗ୍ରାମର ସୁରେନ୍ଦ୍ର ଭୋଇ ଜୁନ ୩ ରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ଜୁନ୍ ୧ ତାରିଖରେ ସେ ଓ ତାଙ୍କ ସହଯୋଗୀ ରାଜୀବ ଦାଶ ବାହାମ ଗ୍ରାମର ସଦାନନ୍ଦ ମିର୍ଦ୍ଧାଙ୍କ ଘରକୁ ପୂଜା କାର୍ଯ୍ୟ ପାଇଁ ଯାଇଥିଲେ। ପୂଜା ସମାପ୍ତ ପରେ ଦୁହେଁ ଏକ କେନାଲ ନିକଟରେ ଥିବାବେଳେ ୩ଟି ମୋଟର ସାଇକେଲରେ ୯ ଜଣ ଦୁର୍ବୃତ୍ତ ସେଠାରେ ପହଂଚି ସେମାନଙ୍କୁ ନଘା ମାରପିଟ କରିଥିଲେ। ଏପରିକି ଦୁର୍ବୃତମାନେ ମାରଣାସ୍ତ୍ର ଦେଖାଇ ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ, ଗୋଟିଏ ପ୍ଲାଟିନା ବାଇକ୍ ଏବଂ ନଗଦ ୧୩ ଶହ ଟଙ୍କା ଲୁଟି ନେଇଥିଲେ। ପରେ ଉଭୟଙ୍କୁ ବଳପୂର୍ବକ ଏକ ନିଛାଟିଆ ସ୍ଥାନକୁ ନେଇ ରାତିସାରା ଶାରୀରିକ ନିର୍ଯ୍ୟାତନା ଦେଇଥିଲେ। ପରଦିନ ଅଭିଯୋଗକାରୀଙ୍କୁ ଏକ ସିଏସ୍ସି କେନ୍ଦ୍ରକୁ ନେଇ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବାକୁ ଚେଷ୍ଟା ମଧ୍ୟ କରାଯାଇଥିଲା। ଆଧାର କାର୍ଡ ନ ଥିବାରୁ ସେମାନେ ଟଙ୍କା ଉଠାଇବାରେ ସଫଳ ହୋଇପାରି ନଥିଲେ। ଏହାପରେ ରାଜୀବ ଦାଶଙ୍କୁ ଏକ ସ୍ୱିଫ୍ଟ ଡିଜାୟର କାରରେ ତାଙ୍କ ଘରକୁ ନେଇ ସେଠାରେ ୩୦ ହଜାର ଟଙ୍କା ଦାବି କରିଥିଲେ। ତେବେ କୌଶଳକ୍ରମେ ରାଜୀବ ସେମାନଙ୍କ କବଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପରେ ଜୁନ୍ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନେ ସୁରେନ୍ଦ୍ର ଭୋଇଙ୍କୁ ସରସୁଆତାଳ ଛକରେ ଛାଡ଼ି ଦେଇଥିଲେ। ସେ ତାଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ଏହି ଘଟଣାକୁ ତଦନ୍ତ କରି ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ମଧ୍ୟରେ ସୁମନ ଗାର୍ଡ଼ିଆ (୨୦), ଶ୍ରୀକାନ୍ତ ସୁନାନୀ (୨୦), ରାଜେଶ ନନ୍ଦ (୧୯), ନୀଳାମ୍ବର ବେସନ (୪୨) ଏବଂ ଭୋଳାନାଥ ଛନ୍ଦ (୨୭) ଥିବା ଜଣାପଡିଛି । ପୋଲିସ ସେମାନଙ୍କୁ ଗିରଫ କରିବା ସମୟରେ ତାଙ୍କ ନିକଟରୁ ଏକ ସ୍ୱିଫ୍ଟ ଡିଜାୟର କାର, ଦୁଇଟି ବାଇକ୍, ଏକ ଦେଶୀ ପିସ୍ତଲ, ତିନୋଟି ଛୁରୀ, ଏକ ପୋକୋ ମୋବାଇଲ ଫୋନ ଏବଂ ୧,୩୦୦ ଟଙ୍କା ନଗଦ ଜବତ କରିଥିବା ଜଣାପଡିଛି ।

ଅହମଦାବାଦ ମିସ ଇଣ୍ଡିଆ ପ୍ରତିଯୋଗିତାରେ ଓଡିଶାର ପ୍ରତିନିଧିତ୍ୱ କରିବେ ସୋନମ

ସମ୍ବଲପୁର, ୭/୬(ନି/ପ୍ର): ମିସ୍ ଗ୍ରାଣ୍ଡ ଓଡ଼ିଶା ୨୦୨୬ ମୁକୁଟ ହାସଲ କରିଥିବା ସୋନମ ଆଚାର୍ଯ୍ୟ ଆସନ୍ତା ଅଗଷ୍ଟରେ ଆହମଦାବାଦରେ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠିତ ପି ଆଣ୍ଡ ଆଇ ମିସ୍ ଇଣ୍ଡିଆ-୨୦୨୬ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି। ଟାଟା ପାୱାରରେ ଇଏନସି ଇଞ୍ଜିନିୟର ଭାବରେ ଅବସ୍ଥାପିତ ସୋନମ ଜଣେ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବରେ ନିଜର ପରିଚୟ ନିର୍ମାଣ କରିଛନ୍ତି । ବୈଷୟିକ ସେବା ସହିତ କଳା, ସଂସ୍କୃତି ଓ ଫ୍ୟାଶନ୍ ପ୍ରତି ତାଙ୍କର ଅସୀମ ଆଗ୍ରହ ତାଙ୍କୁ ସଫଳତା ଦେଇଛି। ତାଙ୍କର ମଡେଲିଂ ଯାତ୍ରା କଲେଜ ଜୀବନରୁ ଆରମ୍ଭ ହୋଇଥିଲା।'ମିସ୍ ଟିନ୍ ଇଣ୍ଡିଆ' ପ୍ରତିଯୋଗିତାରେ ଫାଇନାଲ୍ ପର୍ଯ୍ୟନ୍ତ ପହଂଚିବା ତାଙ୍କ ମନରେ ମଡେଲିଂ ରେ ନୂଆ ଅଧ୍ୟାୟ ଆରମ୍ଭ କରିବେ। ନିଜର ଦକ୍ଷତାକୁ ଆହୁରି ଶାଣିତ କରିବା ପାଇଁ ସେ ପ୍ରସିଦ୍ଧ ଗ୍ରୁମର କେୟୁର ଦେଶାଇଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରି 'ଓଡ଼ିଶା କ୍ୱିନ୍' ଫ୍ୟାଶନ୍ ଶୋ'ରେ ପ୍ରଥମ ରନର୍ସ-ଅପ ଓ ପରେ 'ମିସ୍ ଉତ୍କଳ', 'ରାଜା ରାଣୀ' ଓ 'ଷ୍ଟାର ଅଫ୍ ଦି ଇୟର' ଭଳି ପ୍ରତିଷ୍ଠିତ ମାନ୍ୟତା ହାସଲ କରିଥିଲେ। ଏହା ସହିତ ସେ ଓମେନ୍ସ ଆଚିଭର ଆୱାର୍ଡ ୨୦୨୩ ସଂସ୍କରଣ ରେ ମଧ୍ୟ ସମ୍ମାନିତ ହୋଇଥିଲେ। ଫ୍ୟାଶନ୍ ଶୋ', ରାମ୍ପ ୱାକ୍, ବିତର୍କ, ଆଙ୍କରିଂ ଓ ସାର୍ବଜନୀନ ଭାଷଣ କ୍ଷେତ୍ରରେ ମଧ୍ୟ ସେ ନିଜର ଦକ୍ଷତାର ପରିଚୟ ଦେଇ ଆସିଛନ୍ତି। ନନା ବରଦା ପ୍ରସାଦ ଆଚାର୍ଯ୍ୟ ଓ ବୋଉ ଦିପ୍ତିମୟୀ ଦାଶଙ୍କ ଅକୁଣ୍ଠ ସମର୍ଥନ, ପ୍ରେରଣାରେ ସୋନମ ଜାତୀୟ ମଂଚରେ ଭଲ ପ୍ରଦର୍ଶନ କରିବା ନୁହେଁ, ବରଂ ଅହମଦାବାଦ ରେ ମିସ୍ ଇଣ୍ଡିଆ ମୁକୁଟ ହାସଲ କରି ସମଗ୍ର ଦେଶ ସମ୍ମୁଖରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ବିଶେଷକରି ସମ୍ବଲପୁରୀ ଐତିହ୍ୟର ଗୌରବ ଉପସ୍ଥାପନ ପାଇଁ ଲକ୍ଷ୍ୟ ରଖିଛନ୍ତି।

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତି ଉପଲକ୍ଷେ ଆସନ୍ତା ୧୨ରୁ ପ୍ରଦର୍ଶନୀ ଓ ବିଭିନ୍ନ କାର୍ଯ୍ୟକ୍ରମ

ନବରଙ୍ଗପୁର,୭/୬(ନି/ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତି ଏବଂ ସଫଳ ଶାସନ ଓ ବିକାଶ ମୂଳକ ଉପଲବ୍ଧିକୁ ଜନ ସାଧାରଣଙ୍କ ନିକଟରେ ପହଚାଂଇବା ଓ ଜନ ସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରିବା ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। 'ବିକାଶ ର ଧାରା, ଓଡ଼ିଶା ସାରା' ଶୀର୍ଷକ କାର୍ଯ୍ୟକ୍ରମ ଜିଲ୍ଲାରେ ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ।ଜିଲ୍ଲା ସ୍ତରରେ ୩ ଦିନିଆ ପ୍ରଦର୍ଶନୀ, 'ବିକଶିତ ଓଡ଼ିଶା ପାଇଁ ବିକଶିତ ଭାରତ' ଉପରେ ଆଲୋଚନା ଚକ୍ର ,ପ୍ରକଳ୍ପ ପରିଦର୍ଶନ, ଆକାଂକ୍ଷି ଜିଲ୍ଲା ଏବଂ ବ୍ଲକ ସଫଳତା, ଜୈବିକ କୃଷି ଉପରେ କର୍ମଶାଳା,ବ୍ଲକ୍ ସ୍ତରରେ ୭ ଦିନିଆ ପ୍ରଦର୍ଶନୀ ଏବଂ କାର୍ଯ୍ୟକ୍ରମ, ଗ୍ରାମାଚଂଳ ବିକାଶ ଓ ଭିତିଭୂମିର ପ୍ରଦର୍ଶନୀ, ଜନ ଜାତି

ସମ୍ବାଦ,ପ୍ରାକୃତିକ କୃଷି ସମ୍ବନ୍ଧିୟ କୃଷକ ସମ୍ବାଦ କର୍ମଶାଳା, ଖେତ ବଚାଓ ଅଭିଯାନ,ସ୍ୱାବଲମ୍ବୀ ଯୁବା,ଆୟୁଷ୍ମାନ ବାୟୋ ବନ୍ଦନା,ବିଭିନ୍ନ ବିଭାଗୀୟ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ସେଭଳି ଗ୍ରାମ ପଚାଂୟତ ସ୍ତରରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା,ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା,ସୁଭଦ୍ରା ଶକ୍ତି ସମାବେଶ ଏବଂ ବିଭିନ୍ନ ଯୋଜନାର ହିତାଧୀକାରୀ ମାନଙ୍କୁ ସହାୟତା ପ୍ରଦାନ କରାଯିବ। ସରକାରୀ ଯୋଜନାର ଲାଭ,ଯୋଗ୍ୟତା ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ପୁସ୍ତିକା ଏବଂ ସୁଚନା ସାମଗ୍ରୀ ଜନ ସାଧାରଣଙ୍କ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବଟଂନ କରାଯିବ। ଗତକାଲି ୫.୬.୨୦୨୬ ରିଖ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଅଧିକାରୀଙ୍କୁ ନେଇ ଏକ ସଚିବସ୍ତରୀୟ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜିଲ୍ଲା,ବ୍ଲକ୍ ଏବଂ ପଚାଂୟତ ସ୍ତରରେ ସମସ୍ତ ବିଭାଗୀୟ ଅଧିକାରୀ ସ୍ୱମନ୍ୱୟ ରକ୍ଷା କରି ଏହାର ସଫଳ ଆୟୋଜନ ଏବଂ ବ୍ୟାପକ ଜନସହଭାଗିତା ସୁନିର୍ଣ୍ଣିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ

ବାରଖଣ୍ଡିଆ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟକୁ ନେଇ ବିବାଦ:

ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଝାରସୁଗୁଡ଼ା,୭/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ଗ୍ରାମପଂଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିବାଦ ଦେଖାଦେଇଛି। ଏମ୍ବିଏଲ ସିଏସଆର ଫଣ୍ଡ ଅନୁଦାନରୁ ବାରଖଣ୍ଡିଆ ଗ୍ରାମରେ ନିର୍ମାଣ ହେବାକୁ ଥିବା କଲ୍ୟାଣମଣ୍ଡପ ର ସ୍ଥାନ ଚୟନ କୁ ନେଇ ଲୋଇସିଂହ ଗ୍ରାମପଂଚାୟତ ସରପଂଚ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ବାରଖଣ୍ଡିଆ ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ଙ୍କୁ ଭେଟି ଗ୍ରାମବାସୀଙ୍କ ସର୍ବାଧିକ ସମ୍ମତି ଥିବା ଖାତା ନମ୍ବର ୧୪୨ର ୫୬୪ ନମ୍ବର ପ୍ଲଟରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଦାବି କରିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମରେ ଏହି କଲ୍ୟାଣମଣ୍ଡପ ନିର୍ମାଣ ହେଲେ ଭବିଷ୍ୟତରେ ବିବାହ,ସାମାଜିକ ସଭା,ଜନସଚେତନତା ଶିବିର ଓ ବିଭିନ୍ନ ଜନହିତକର କାର୍ଯ୍ୟର କେନ୍ଦ୍ରବିନ୍ଦୁ ହେବ। ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ପାଇଁ କିଛି ବ୍ୟକ୍ତି ତଥା ଲୋଇସିଂହ ସରପଂଚ ଖାତା ନମ୍ବର ୧୪୨ ର ୭୩୮ ନମ୍ବର ପ୍ଲଟରେ କରିବା ପାଇଁ ଏକ ପୁରୁଣା କ୍ଲବ ଘରକୁ ଭାଙ୍ଗି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରପଂଚଙ୍କ ଦ୍ୱାରା ନିରୂପଣ କରାଯାଇଥିବା ସ୍ଥାନଟି ଅଧିକାଂଶ ଜନସାଧାରଣଙ୍କ ପାଇ ସୁବିଧା ଜନକ ନୁହେଁ ଏବଂ ଏହା ଗ୍ରାମର ସାମୁହିକ ମତାମତର ପ୍ରତିଫଳନ ନୁହେଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ତେଣୁ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପକୁ ସମସ୍ତ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏବଂ ୭୦%ରୁ ଅଧିକ ଲୋକଙ୍କ ମତ ଅନୁଯାୟୀ ଖାତା ନମ୍ବର ୧୪୨ର ୫୬୪ ନମ୍ବର ପ୍ଲଟରେ କରାଯିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ତରଫରୁ ଅନୁରୋଧ କରାଯାଇଛି। ଏହି ସ୍ଥାନଟି ଗ୍ରାମର ମଧ୍ୟଭାଗରେ, ବୁଧବାର ବଜାରର ନିକଟରେ ଏବଂ ବିଭିନ୍ନ ସାମୁହିକ କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳ ଭାବରେ ମଧ୍ୟ ପରିଚିତ ଥିବାରୁ ଏଠାରେ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ କଲ୍ୟାଣମଣ୍ଡପ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଝାରସୁଗୁଡା ଜିଲ୍ଲାପାଳଙ୍କ କର୍ଯ୍ୟାଳୟରେ ବାରଖଣ୍ଡିଆ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଅନ୍ୟପଟେ ବାରଖଣ୍ଡିଆ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଲୋଇସିଂହ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ବାରଖଣ୍ଡିଆ ଗ୍ରାମର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ପ୍ରସ୍ତାବିତ ସ୍ଥାନରେ ହିଁ କଲ୍ୟାଣ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଥିବା ନେଇ ସୂଚନା ଦେଇଛନ୍ତି। ଏହି କଲ୍ୟାଣ ମଣ୍ଡପ ବାରଖଣ୍ଡିଆ ରୋହିଦାସ ପଡା ଠାରେ ନିର୍ମାଣ ପାଇଁ ୨୦୨୩ ମସିହା ଅଗଷ୍ଟ ୧୫ ତାରିଖ ଅନୁଷ୍ଠିତ ହୋଇଥିବା ଗ୍ରାମସଭାରେ ପ୍ରସ୍ତାବ ହୋଇ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ପାରିତ ହୋଇ ଏମ୍ବିଏଲ ସିଏସଆର ଅଧୀନରେ କରିବା ପାଇଁ ଦିଆଯାଇଥିବା ଲୋଇସିଂହ ସରପଂଚ ସନାତନ ରୋହିଦାସ କହିବା ସହିତ ବାରଖଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଭିତିହୀନ ବୋଲି କହିଛନ୍ତି।

୧୮ତମ ବରୁଣେଇ ରଜମହୋତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୭/୬(ନି/ପ୍ର): ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ୧୮ତମ ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଯତୀନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ମଂଚାସିନ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରି ସଭା ସଂଯୋଜନା କରିଥିଲେ । ସଭାର ସଭାପତି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା। ବରୁଣେଇ ରଜମହୋତ୍ସବକୁ ବିଗତବର୍ଷ ମାନଙ୍କ ପରି ଶାନ୍ତି, ମୈତ୍ରୀ, ସମ୍ପ୍ରିତି ଓ ଭାଇଚାରା ସହ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ଗୁରୁତ୍ୱାରୋପ କରି ପାନୀୟଜଳ ଯୋଗାଣ, ଆଲୋକିକରଣ, ମନ୍ଦିର ସୌନ୍ଦର୍ଜ୍ୟକରଣ, ଅଗ୍ନିଶମ ସେବା, ପ୍ରାଥମିକ ଚିକିତ୍ସା ସେବା ଓ ପରିମଳ ସେବାକୁ ତ୍ୱରାନିତ ଉପଲବ୍ଧ ଦିଗରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରଜମହୋତ୍ସବ ସଭାପତି ଯତୀନ୍ଦ୍ର ନାଥ ମିତ୍ର ପ୍ରତିବର୍ଷ ଜିଲ୍ଲା ପ୍ରଶାସନର ସହଯୋଗ ରେ ବରୁଣେଇ ରଜ ମହୋତ୍ସବ ସଫଳ ଭାବେ ପାଳିତ ହେଉଥିବାରୁ ପ୍ରଶାସନକୁ ଧନ୍ୟବାଦ ପ୍ରଦାନ କରି ଚଳିତ ୧୮ ତମ ରଜ ମହୋତ୍ସବ ସଫଳତା ଦିଗରେ ମଧ୍ୟ ପୂର୍ବ ବର୍ଷ ପରି ସହଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଏବଂ ବୈଠକର ସଭାପତି ପ୍ରତାପ ଚନ୍ଦ୍ର ବେଉରା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲ୍ଲା ସଂସ୍କୃତି ଅଧିକାରୀ ମହୋତ୍ସବର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ପ୍ରସ୍ତାବ ରଖିଥିଲେ । ଚଳିତ ବର୍ଷ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବରୁଣେଇ ରଜ ମହୋତ୍ସବ ପାଳିତ ହେବ। ଏଥି ନିମନ୍ତେ ୱାଟକୋ ପକ୍ଷରୁ ୮ ଟି ସିନ ଟେକ୍ସ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଗ୍ନି ନିର୍ବାପକ ଯନ୍ତ୍ର ତଥା ଫାୟାର ଏକ୍ସଟିନ ଗୁଇସର୍ ଓ ଅଗ୍ନିଶମ ଭ୍ୟାନ ରଖିବା,ପ୍ରାଥମିକ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନିତ ଭାବେ ତିନିଦିନ ଧରି ମହୋତ୍ସବରେ ଯୋଗାଇ ଦେବାକୁ ଅଧକ୍ଷ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ଯୋଗାଣ ପାଇଁ ଖୋର୍ଦ୍ଧା ପୌରପରିଷଦ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟି ପି ସି ଓ ଡି ଏଲ, ତ୍ୱରଣ ନିର୍ମାଣ,ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ସେବା ଯୋଗାଣ,ଅତିଥି ମାନଙ୍କୁ ମହୋତ୍ସବରେ ସନ୍ଧ୍ୟା ସମୟରେ ଯୋଗଦାନ ପାଇଁ ନିମନ୍ତ୍ରଣ, ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ରୂପରେଖ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ପରିଷଦ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ, ମୃର୍ତିକା ସଂରକ୍ଷଣ, ଜଙ୍ଗଲ ବିଭାଗ, ବ୍ୟାଙ୍କ, ଇନ୍ସୁରାନ୍ସ କମ୍ପାନୀ ଷ୍ଟଲ, ଓଡ଼ିଶା ପର୍ଯ୍ୟଟନ ବିଭାଗ, ବୈଷୟିକ ଅନୁଷ୍ଠାନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଷ୍ଟଲ ଖୋଲା ଯିବା ଓ ଭାରତ ସରକାରଙ୍କ ସଙ୍ଗୀତ ନାଟକ ଏକାଡେମୀ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ସେହିପରି ପାରମ୍ପାରିକ ରଜ ପାଳନ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ତଥ୍ୟ ପ୍ରଦାନ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ବୈଠକର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ସଂପୃକ୍ତ ସରକାରୀ ଅଧିକାରୀ ମାନେ ସେମାନଙ୍କ ନ୍ୟସ୍ତ ଦାୟିତ୍ୱକୁ ସୁଚାରୁ ରୁପେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଜ୍ୟୋତୀନ୍ଦ୍ର ନାଥ ମିତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଆଇ ଆଇ ସି, ଶିଳ୍ପାଂଚଳ ଥାନା ଉମେଶ କୁମାର ସାହୁ, ସହକାରୀ ପରିଚାଳିକା,ୱାଟକୋ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆସିଷ୍ଟାଂଟ କଲେକ୍ଟର ରିଶବ୍ ତ୍ରିପାଠୀ,ପୌର ପରିଷଦ ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ସହକାରୀ ଅଗ୍ନି ଶମସେବା ଅଧିକାରୀ ଗୌତମ ସାମନ୍ତରା, ସ୍ୱେଚ୍ଛାସେବୀ ସଂଗଠନ ଦିଶାନ୍ତ ସମ୍ପାଦକ ଓ କର୍ମକର୍ତ୍ତା ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଆଗାମୀ ବର୍ଷା ଋତୁ ପାଇଁ ବଲାଙ୍ଗୀର ପୌରପାଳିକାର ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୭/୬(ନି/ପ୍ର): ଆଗାମୀ ବର୍ଷା ଋତୁକୁ ସଫଳତାର ସହ ମୁକାବିଲା କରିବା ଓ ସହରରେ ଜଳ ଜମା ସମସ୍ୟାକୁ ରୋକିବା ଲକ୍ଷ୍ୟରେ ଡିଆରଡିଏ ସମ୍ମିଳନୀ କକ୍ଷରେ ପିଡି, ଡୁଡା , ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ପୌରପାଳିକାର ନିର୍ବାହୀ ଅଧିକାରୀ ବୈଠକର କନଭେନର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବୈଠକରେ ଆଗାମୀ ବର୍ଷା ଋତୁ ସମୟରେ ସମ୍ଭାବ୍ୟ ସମସ୍ୟା ଓ ସେଗୁଡ଼ିକର ମୁକାବିଲା ପାଇଁ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ଲୀକା ସାହୁ, ଆର୍ ଆଣ୍ଡ ବି, ବିଦ୍ୟୁତ, ପିଏଚଡି, ମାଇନର ଇରିଗେସନ, ଏନଏଚ, ରେଳବାଇ, ଓଡ୍ରାଫ, ଅଗ୍ନିଶମ, ବନ ବିଭାଗ, ପୋଲିସ, ତହସିଲ ପ୍ରଶାସନ ଏବଂ ସିଡିଏମଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପୌରାଧ୍ୟକ୍ଷା ଲୀକା ସାହୁ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ସ୍ଥାନଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏନଏଚ, ପିଡବ୍ଲୁଡି, ମାଇନର ଇରିଗେସନ ଓ ରେଳବାଇ ବିଭାଗର ଅଧିକାରୀମାନଙ୍କୁ ଅବଗତ ସହିତ ତୁରଂତ ତା ସମାଧାନ କାଟିବା ପାଇଁ ଜଣାଇଥିଲେ। ତରଣୀ ସୁନା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଉଦ୍ୟମରେ କାର୍ଯ୍ୟ କରିବା ଏବଂ ଚାଲିଥିବା ଅଧପନ୍ତରିଆ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ଅନୁରୋଧ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ବର୍ଷା ଋତୁ ସମୟରେ ନିୟମିତ ଭାବରେ ଏଭଳି ସମୀକ୍ଷା ବୈଠକ ଆୟୋଜନ କରାଯିବ। ବୈଠକରେ ଉପସ୍ଥିତ ସମସ୍ତ ବିଭାଗ ନିଜ ନିଜ କ୍ଷେତ୍ରରେ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥିବା ଏବଂ ବର୍ଷାଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଜଣାଇଥିଲେ। ଶେଷରେ ନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ପରେ ବୈଠକ ସମାପ୍ତ ହେଇଥିଲା।

ଝାରସୁଗୁଡ଼ାରେ ବିଶ୍ୱ ପରିବେଶ ଦିବସ ପାଳିତ, ବୃକ୍ଷରୋପଣ ସହ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୭/୬(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ା ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ତାଳପଟିଆ ଠାରେ ଏକ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ା ବନଖଣ୍ଡର ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଝାରସୁଗୁଡ଼ା ବନଖଣ୍ଡର ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା, ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା, ବୃକ୍ଷରୋପଣର ଆବଶ୍ୟକତା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସମ୍ପର୍କରେ ସଚେତନ କରାଇଥିଲେ। ଏହାସହ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲାର ସମାଧାନ ଏବଂ ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର-୧୫୧୦୦ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ଏବଂ ପରିବେଶ ସୁରକ୍ଷା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

ରାଜ୍ୟରେ ମହିଳା ସୁରକ୍ଷା ନେଇ ବିଜେଡିର ଚିନ୍ତା, ଆଇନ ଶୃଙ୍ଖଳା ଭାଙ୍ଗିପଡ଼ିଥିବା ଅଭିଯୋଗ

ଝାରସୁଗୁଡ଼ା,୭/୬(ନି/ପ୍ର):ଝାରସୁଗୁଡା ସହରର ସରବାହାଲସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଏକ ପ୍ରେସମିଟ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ରେସମିଟ୍ରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳୀ ଦାସ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସହ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଥିବା ଅଭିଯୋଗ କରିଥିଲେ। ଦୀପାଳୀ ଦାସ କହିଥିଲେ ଯେ, ବର୍ତମାନ ଝାରସୁଗୁଡା ଜିଲ୍ଲା ସହ ସମଗ୍ର ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ମହିଳାଙ୍କ ଉପରେ ଅତ୍ୟାଚାର ଘଟଣା ବଢ଼ିଚାଲିଛି। ବିଶେଷକରି ଗତ ମଇ ୧୭ ତାରିଖରେ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣା ସୁରକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ସେ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ଗତ କିଛି ଦିନ ମଧ୍ୟରେ ବେଲପାହାଡ, ଲଖନପୁର, ସରବାହାଲ ଆଦି ଅଂଚଳରେ ଘଟିଥିବା ଗୁଳିକାଣ୍ଡ ଓ ହତ୍ୟା ଘଟଣା ଲୋକମାନଙ୍କ ମନରେ ଭୟର ପରିବେଶ ସୃଷ୍ଟି କରିଛି। ବ୍ରହ୍ମପୁରରେ ଜଣେ ଯୁବକଙ୍କୁ ରାସ୍ତା ମଝିରେ ନିର୍ମମ ଭାବେ ମାଡ଼ ମାରାଯାଇଥିବା ଘଟଣା ମଧ୍ୟ ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରେସମିଟ୍ରେ ସେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଟାର୍ଗେଟ କରି କହିଥିଲେ ଯେ, ଜିଲ୍ଲାରେ ଆଇନ ଶୃଙ୍ଖଳା ଭାଙ୍ଗିପଡ଼ିଥିବା ସତ୍ତ୍ୱେ ସେ ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। ଅନ୍ୟ କୌଣସି ବିଷୟ ହେଲେ ସେ ତୁରନ୍ତ ପ୍ରେସମିଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖୁଥାନ୍ତି ବୋଲି ସୁଶ୍ରୀ ଦାସ କହିଥିଲେ। ଆସନ୍ତାକାଲି ଶୁକ୍ରବାର ଦିନ ଶତାଧିକ ମହିଳାଙ୍କୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟରେ ମହିଳା ସୁରକ୍ଷା ସୁନିଶ୍ଚିତ କରିବା ସହ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରାଯିବ ବୋଲି ସେ କହିଥିଲେ। ଏହି ପ୍ରେସମିଟ୍ରେ ଝାରସୁଗୁଡା ବ୍ଲକ ଚେୟାରମ୍ୟାନ ଚିତ୍ରାଣୀ ପଟେଲ, ଜିଲ୍ଲା ପରିଷଦ ସଭ୍ୟା ଝରଣା ସାଗର ଓ ଟାଉନ ମହିଳା ବିଜେଡି ସଭାପତି ଜ୍ୟୋତି ସୁନାର ପ୍ରମୁଖ ଉପସ୍ଥିତ ଥିଲେ।

ଧନଞ୍ଜୟ ମହାନ୍ତି ଜୟନ୍ତୀ ସମାରୋହ

ରାଉରକେଲା,୭/୬(ନି/ପ୍ର): ଧନଞ୍ଜୟ ମହାନ୍ତି ମେମୋରିଆଲ ଟ୍ରଷ୍ଟ ରାଉରକେଲା ଆନୁକୂଲ୍ୟରେ ପ୍ରାକ୍ତନ ସାଂସଦ ତଥା ସମାଜସେବୀ ଧନଞ୍ଜୟ ମହାନ୍ତିଙ୍କ ୧୧୨ତମ ଜୟନ୍ତୀ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ତରଫରୁ ସିଭିଲ ଟାଉନସିପ୍ ସ୍ଥିତ ଧନଞ୍ଜୟ ସ୍ମୃତି ଉଦ୍ୟାନ ଠାରେ ଧନଞ୍ଜୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ଜୀବନାଦର୍ଶ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ହୋଟେଲ ସୋଲାସ ଠାରେ ମ୍ୟୁଜିକ ଥେରାପି ପକ୍ଷରୁ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହର ସେବା ସମିତିର ମ୍ୟାନେଜିଂ ଟ୍ରଷ୍ଟି ତଥା କାର୍ଯ୍ୟକ୍ରମର ଆବାହକ ଶୈଳେନ୍ଦ୍ର ମହାନ୍ତିଙ୍କ ଆବାହକତ୍ୱ ଓ ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ମହାପାତ୍ର, ଡାକ୍ତର ପି କେ ମହାନ୍ତି, ସମାଜସେବୀ ଦିଗମ୍ବର ମହାନ୍ତି ଓ ଗଣେଶ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ। ମ୍ୟୁଜିକ ଥେରାପି ପକ୍ଷରୁ ସୁଜିତ କୁମାର ପଣ୍ଡା, ଲୀନା ସେନାପତି, ପ୍ରମୋଦ ମହାପାତ୍ର, ସ୍ମିତା ମିଶ୍ର, ହିମାଂଶୁ ମହାନ୍ତି, ମିନର୍ଭା ମିଶ୍ର, ଅନୀମା ସେଠୀ, ଜୀବନ ସମାସୀ, ଖୁର୍ଦ୍ଦିଆ ଲାକ୍ରା, ଶୈଳେନ୍ଦ୍ର ମହାନ୍ତି, ସୁମି ଜେନା, ଗଣେଶ ସେଠୀ, ପୂର୍ଣ୍ଣ ନିଆଳୀ, ବିଭୁଦନ, ତରୁଣ କୁମାର, କିଶୋର ସିଂ ପ୍ରମୁଖ ସଂଗୀତ ପରିବେଷଣ କରିଥିଲାବେଳେ ବାଦ୍ୟଯନ୍ତ୍ରରେ ସରୋଜ ପଣ୍ଡା, ତୀର୍ଥ ଲୋହା, ରଜନୀ ସିଂ, ଇନ୍ଦ୍ରଜିତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୁଞ୍ଜବିହାରୀ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ନାୟକ, ପ୍ରମୋଦ ସାହୁ, ଚନ୍ଦ୍ରଶେଖର ପାଢ଼ୀ, ଫିରୋଜ ଅହମ୍ମଦ,ପ୍ରଭୁ ସାହୁ, ସମ୍ପାଦକ ପୁଷ୍ପା ଲେଙ୍କା, ବାନାମ୍ବର ମହାନ୍ତି, ନନ୍ଦନ ମୁଖାର୍ଜୀ, ମରୁମାୟା ମହାନ୍ତି, ଚେତନା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ସଂଗୀତପ୍ରେମୀ, ସମାଜସେବୀ ଉପସ୍ଥିତ ଥିଲେ।

ରଘୁନାଥପାଲି ପୋଲିସ ଦ୍ୱାରା ଅଟକ ସ୍କ୍ରାପ୍ ବୋଝେଇ ଗାଡି ଉପରେ ଜିଏସଟି ବିଭାଗ ୧ଲକ୍ଷ ୪୧ ହଜାର ଜରିମାନା କଲା

ରାଉରକେଲା,୭/୬(ନି/ପ୍ର): ଜିଏସ୍‌ଟି ବିଭାଗ ପକ୍ଷରୁ ଏକ ଅଭିଯାନ ସମୟରେ ରଘୁନାଥପାଲି ପୋଲିସ ଦ୍ୱାରା ପୂର୍ବରୁ ଅଟକ ରଖା ଯାଇଥିବା ଗଝ ସ୍କ୍ରାପ୍ ପରିବହନ କରୁଥିବା ଏକ ଗାଡିକୁ ସାମଗ୍ରୀ ଏବଂ ସେବା କର (ଏଝଞ) ବିଭାଗ ଦ୍ୱାରା ଲାଗୁ କରାଯାଇଥିବା ୧ ଲକ୍ଷ ୪୧ ହଜାର ୬୩୬ ଟଙ୍କା ଜରିମାନା ଦେବା ପରେ ଛାଡି ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ପରିବହନ ଡକ୍ୟୁମେଂଟରେ ଅସଙ୍ଗତି ଦେଖାଯିବା ପରେ ପୋଲିସ ଦ୍ୱାରା ଗାଡିଟିକୁ ଅଟକାଇ ଜବତ କରାଯାଇଥିଲା। ଯାଂଚ ସମୟରେ ଡକ୍ୟୁମେଂଟଗୁଡ଼ିକ ଅସମ୍ପୂର୍ଣ୍ଣ ସହିତ ଏଝଞ ନିୟମାବଳୀ ପାଳନ କରୁ ନଥିବା ଜଣାପଡିଥିଲା। ପରେ, ଅଧିକ ଯାଂଚ ପାଇଁ ଏଝଞ ବିଭାଗକୁ ପଠାଯାଇଥିଲା। ତଦନ୍ତ ପରେ, ଏଝଞ କର୍ତ୍ତୃପକ୍ଷ ସାମଗ୍ରୀ ପରିବହନ ଏବଂ ଡକ୍ୟୁମେଂଟେସନ୍ ଆବଶ୍ୟକତା ସହିତ ଜଡିତ ଉଲ୍ଲଂଘନ ପାଇଁ ୧ ଲକ୍ଷ ୪୧ ହଜାର ୬୩୬ ଟଙ୍କା ଜରିମାନା ଲାଗୁ କରିଥିଲେ। ନିର୍ଦ୍ଦିଷ୍ଟ ଜରିମାନା ପ୍ରଦାନ ଏବଂ ଆବଶ୍ୟକୀୟ ଔପଚାରିକତା ସମାପ୍ତ କରିବା ପରେ, ଗଝ ସ୍କ୍ରାପ୍ ବହନ କରୁଥିବା ଗାଡିଟିକୁ ଛାଡି ଦିଆଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ଆହୁରି କହିଥିଲେ ଯେ ବୈଧ କାଗଜପତ୍ର ବିନା ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ। ପରିବହନକାରୀ ଏବଂ ବ୍ୟବସାୟୀମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଆର୍ଥିକ ଦଣ୍ଡରୁ ରକ୍ଷା ପାଇବା ପାଇଁ ଜିଏସ୍‌ଟି ଓ ପରିବହନ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ସୁନିଶ୍ଚିତ କରିବାକୁ ଚେତାବନୀ ଦିଆଯାଇଛି।

ବିଶ୍ୱ ପରିବେଶ ଦିବସରେ ୱାଇଏମଏଫଆଇ କୁ ମିଳିଲା 'ପ୍ରକୃତି ମିତ୍ର ପୁରସ୍କାର'

ରାଉରକେଲା, ୭/୬(ନି/ପ୍ର): ବିଶ୍ୱ ପରିବେଶ ଦିବସ ୨୦୨୬ ଅବସରେ ରାଉରକେଲାର ସ୍ୱେଚ୍ଛାସେବୀ ସଂଗଠନ 'ୟୁଥ ମୁଭମେଂଟ ଫେଡେରେସନ ଅଫ ଇଣ୍ଡିଆ 'କୁ 'ପ୍ରକୃତି ମିତ୍ର ପୁରସ୍କାର' ରେ ସମ୍ମାନିତ କରାଯାଇଛି। ସୁନ୍ଦରଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଡ଼ିଏଫଓ ଖୁଶବନ୍ତ ସିଂହ, (ଆଇ.ଏଫ.ଏସ)ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଉପ ଜିଲ୍ଲାପାଳ ତେଜସ୍ୱିନି ବେହେରା, ଏସିଏଫ ରାଜକୁମାର ସେଠି, ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ସୁଶାନ୍ତ କୁମାର ନାୟକ ଉପସ୍ଥିତ ରହି ଏହି ସମ୍ମାନ ଅନୁଷ୍ଠାନ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଙ୍କୁ ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ଜଙ୍ଗଲ ନିଆଁ ନିବାରଣ, ହାତୀ -ମନୁଷ୍ୟ ସଂଘର୍ଷ ନିରାକରଣ ପାଇଁ ସଚେତନତା, ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ କ୍ଷେତ୍ରେରେ ୱାଇଏମଏଫଆଇ ର ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ପୁରସ୍କାର ଦିଆଯାଇଛି। ଗତ ବର୍ଷ ୱାଇଏମଏଫଆଇ ର ସଦସ୍ୟମାନେ ରାଉରକେଲାର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ, ସ୍କୁଲ୍ କଲେଜରେ ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ଆୟୋଜନ ଏବଂ ପର୍ଯ୍ୟଟନ ସ୍ଥଳ କୁ ପ୍ଲାଷ୍ଟିକ ମୁକ୍ତ ଓ ସଫେଇ ଅଭିଯାନ କରିଥିଲେ। ପୁରସ୍କାର ଗ୍ରହଣ କରି ୱାଇ ଏମ ଏଫ ଆଇ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ କହିଛନ୍ତି ଯେ , "ଏହି ସମ୍ମାନ ଆମ ପାଇଁ ପ୍ରେରଣା। ରାଉରକେଲାକୁ ସବୁଜ ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଆମେ ଆଗକୁ ମଧ୍ୟ ଦୃଢ଼ ସଂକଳ୍ପରେ କାମ ଜାରି ରଖିବୁ।" ଏହି ସମ୍ମାନ ପରେ ରାଉରକେଲାର ଯୁବପୀଢ଼ି ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଉତ୍ସାହ ବୃଦ୍ଧି ପାଇଛି।

ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ପରିବେଶ ଦିବସ

ରାଉରକେଲା,୭/୬(ନି/ପ୍ର): ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ପରିବେଶ ଦିବସ ପାଳିତ ହୋଇଯାଇଛି । ସଂସଦର ସାଧାରଣ ସମ୍ପାଦକ ସୁନୀଲ ମହାନ୍ତି ଓ ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଛେଣ୍ଡ ସ୍ଥିତ ବନବିଭାଗ ଚାରା ଉତ୍ପନ୍ନ କେନ୍ଦ୍ରରୁ କୃଷ୍ଣଚୂଡା ଚାରା ଆଣି କଲୋନୀସ୍ଥ ହନୁମାନ ମନ୍ଦିର ସାମ୍ନା ପାର୍କରେ ରୋପଣ କରାଯାଇଛି । ଆଜିଠାରୁ ସୁନାଫୁଲ ପକ୍ଷରୁ ଚାରା ରୋପଣ ଶୁଭାରମ୍ଭ କରାଗଲା ଏବଂ ଏହି କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ପନ୍ଦର ପର୍ଯ୍ୟନ୍ତ କରାଯିବାକୁ ସଂସଦ ପକ୍ଷରୁ ନିଷ୍ପତି ନିଆଯାଇଛି । ପ୍ରତ୍ୟେକ ସଭ୍ୟ ଅତି କମରେ ୫ଟି ଗଛ ଲଗାଇ ଏହାର ଯତ୍ନ ନେବାକୁ ସଂସଦର ସଭାପତି ମହେନ୍ଦ୍ର ମହାନ୍ତି ଅନୁରୋଧ କରିଛନ୍ତି। ବରିଷ୍ଠ ଉପଦେଷ୍ଟା ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭୀମସେନ ସାହୁ ବୃକ୍ଷ ରୋପଣ ପୂର୍ବକ ଏହାକୁ ମିତ୍ର ଭାବରେ ଯତ୍ନ ନେବାକୁ କହିଥିଲେ। ଜଳବାୟୁ ପରିବର୍ତ୍ତନ, ଉଷ୍ଣତା ବୃଦ୍ଧିରୁ ରକ୍ଷା ,ଜୈବ ବିବିଧତା ହ୍ରାସ ଆଦିକୁ ଲକ୍ଷ୍ୟ ରଖି ସୁନାଫୁଲ ପକ୍ଷରୁ ପ୍ରତିବର୍ଷ ବୃକ୍ଷରୋପଣ କରାଯିବା ସହ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଆସୁଛି ବୋଲି ସାଧାରଣ ସମ୍ପାଦକ କହିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପାତ୍ର, ହୃଷିକେଶ ମୁଦୁଲି, ଅଶୋକ ପାତ୍ର, ତ୍ରିଲୋଚନ ପାଢ଼ୀ ପ୍ରମୁଖ ବହୁ ସଭ୍ୟ ସଭ୍ୟା ସାମିଲ ହୋଇଥିଲେ କ୍ଷ ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଅହିରାବନ୍ଧ ରଥଖଳାରେ ଅଖ ଚକ ପୂଜା ସଂପନ୍ନ

ରାଉରକେଲା,୭/୬(ନି/ପ୍ର): ଇସ୍ପାତ ସହର ରାଉରକେଲାର ସର୍ବପ୍ରାଚୀନ ଦେବ ପୀଠ ଅହିରାବନ୍ଧ। ଏହି ଠାରେ ସ୍ଥାପିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମା ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ବଳଭଦ୍ରଙ୍କ ମନ୍ଦିରରେ ରଥଯାତ୍ରା ଖୁବ୍ ଧୁମଧାମରେ ପାଳିତ ହୋଇ ଆସୁଛି। ତିନୋଟି ରଥରେ ମହାପ୍ରଭୁ ବିରାଜମାନ ହୋଇ ଆମ୍ବାଗାନ ସ୍ଥିତ ମାଉସୀ ମା ଗୁଣ୍ଡିଚା ମନ୍ଦିର କୁ ଯାଇଥାନ୍ତି ।ରଥ ରିଙ୍ଗ ରୋଡ ଦେଇ ଯିବା ବେଳେ ହଜାର ହଜାର ସଂଖ୍ୟକ ଭକ୍ତ ମହାପ୍ରଭୁ ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥାନ୍ତି। ଏହି ଦୃଶ୍ୟ ପୁରୀ ବଡ଼ଦାଣ୍ଡ ଭଳି ପ୍ରତିୟମାନ ହୋଇଥାଏ ।ଅହିରାବନ୍ଧ ଜଗନ୍ନାଥ ମନ୍ଦିର ର ସବୁ ନୀତିକାନ୍ତି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର କୁ ପ୍ରାୟ ଅନୁସରଣ କରି ସମାପନ କରାଯାଇଥାଏ। ରଥଯାତ୍ରା ଆଉ ଏକ ମାସ ୧୦ ଦିନ ରହିଯାଇଥିବା ବେଳେ ସେକ୍ଟର ୩ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆଜି ପୂର୍ବାହ୍ନ ରେ ଅଖ ଚକ ପୂଜା ସଂପନ୍ନ ହୋଇଛି। ଏଥିରେ ମୁଖ୍ୟ ପୂଜକ ଭାବେ ଜଗନ୍ନାଥ ମନ୍ଦିର ର ବଡ଼ପଣ୍ଡା ତ୍ରିନାଥ ପାଢ଼ୀ ଓ ପ୍ରଶାନ୍ତ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ମୁଖ୍ୟ ରଥ କାରିଗର ଭୀକାରୀ ମହାରଣା, ଡମ୍ବରୁ ମହାରଣା ସମେତ ଅନ୍ୟାନ୍ୟ ବଢ଼େଇ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ଏହି ପୂଜା ଅବସରରେ ମହାରଣା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୀର୍ତ୍ତନ ମଣ୍ଡଳୀ ଓ ମନ୍ଦିର ସେବାୟତ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।

ପ୍ରଶାସନିକ ଅଧିକାରୀଙ୍କ ସହ କରାଟେ ଛାତ୍ର ଛାତ୍ରୀଙ୍କ ପରିବେଶ ସଚେତନତା ରାଲି

ବଲାଙ୍ଗିର,୭/୬(ନି/ପ୍ର): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଜାତୀୟ ସ୍ତରୀୟ କରାଟେ ଓ ଟାଇକଣ୍ଡୋ ପ୍ରଶିକ୍ଷକ ତଥା ପରିବେଶ ପ୍ରେମୀ ଅସୀମ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ଭବ୍ୟ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଏ ଅବସରରେ କରାଟେ, ଟାଇକଣ୍ଡୋ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ର୍‌ୟାଲି ଆୟୋଜନ କରାଯାଇଥିଲା । ଏ ର୍‌ୟାଲିଟି କୋଶଲ କଳା ମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲା । ର୍‌ୟାଲି ମାଧ୍ୟମରେ ଛାତ୍ର ଛାତ୍ରୀମାନେ ହାତରେ ବିଭିନ୍ନ ସ୍ଲୋଗାନ ଲେଖା ଥିବା ପ୍ଲାକାର୍ଡ ଧରି ସହରବାସୀଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ର ଛାତ୍ରୀମାନେ ଜନସାଧାରଣଙ୍କୁ ଚାରା ବୃକ୍ଷ ପ୍ରଦାନ କରିଥିଲେ। ଏ ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି, ଉପଜିଲ୍ଲାପାଳ ଆଲୋକ ପଟେଲ, ଏଡିସିନାଲ ଏସ୍ପି ଗୁଣନିଧି ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଡେପୁଟି କଲେକ୍ଟର ସତ୍ୟଜିତ ବାରିକ ଏବଂ ଡେପୁଟି କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ସମେତ ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅତିଥିମାନେ କ୍ରୀଡାସଂଘର ଏହି ଅଭିନବ ସାମାଜିକ ପ୍ରୟାସ କୁ ଉଚ୍ଚ ପ୍ରଶଂସା କରିବା ସହ କହିଥିଲେ ଯେ ଶାରୀରିକ ସୁସ୍ଥତା ସହିତ ପୃଥିବୀ ଓ ପରିବେଶ ସୁସ୍ଥ ରଖିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଏବଂ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ପରିବେଶ ଦିବସ ପାଳିତ

ରାଉରକେଲା,୭/୬ (ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ୫ ଜୁନ୍ ୨୦୨୬ ରେ ସମଗ୍ର ବିଶ୍ୱ ସହିତ ମିଶି ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଶିଳ୍ପ କୋଣାର୍କ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ପରିବେଶ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବା ଇଡି (ଖଣି ବିକାଶ) ଶ୍ରୀ ବି. କେ. ଗିରି, ଇଡି (ଏମଏମ) ଶ୍ରୀ ଅନିଲ କୁମାର, ଇଡି (ପ୍ରକଳ୍ପ) ଶ୍ରୀ ଏସ. ପାଲ୍ ଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ବା ସିଜିଏମ (ସେବା) ଏବଂ କାର୍ଯ୍ୟକାରୀ ଇଡି (କାର୍ଯ୍ୟ) ଶ୍ରୀ ଏ. ସି. ସରକାର, ସିଜିଏମ (ଆରପିଏଣ୍ଡଇ-ସିଏମଏଲଓ) ଏବଂ କାର୍ଯ୍ୟକାରୀ ଇଡି (ଖଣି) ଶ୍ରୀ ଜୟଦେବ ଚଟ୍ଟୋପାଧ୍ୟାୟ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ମୁଖ୍ୟ ମହାପ୍ରବନ୍ଧକ (ଏଫ୍ ?ଏଣ୍ଡଏ) ତଥା ଇଡି (ଏଫ୍ ?ଏଣ୍ଡଏ) ର ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନେକ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତଙ୍କୁ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପରିବେଶ ସଙ୍କଳ୍ପ ପାଠ କ୍ରମାନ୍ୱୟରେ ମୁଖ୍ୟ ମହାପ୍ରବନ୍ଧକ (ଏନପିଏମ ଏବଂ ଡିଜିଟାଲାଇଜେସନ) ଶ୍ରୀ ଆର. କେ. ମୁଦୁଲି, ଶ୍ରୀ ଅନିଲ କୁମାର ଏବଂ ଶ୍ରୀ ବି. କେ. ଗିରିଙ୍କ ଦ୍ୱାରା କରାଯାଇଥିଲା। କର୍ମଚାରୀମାନେ ପରିବେଶ ବ୍ୟାଜ୍ ମଧ୍ୟ ପିନ୍ଧିଥିଲେ। ଏହି ଅବସରରେ ନିଜ ଅଭିଭାଷଣ ରଖି ଶ୍ରୀ ଆଲୋକ ବର୍ମା କହିଛନ୍ତି,ଏକ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଭାବରେ ପରିବେଶ ସୁରକ୍ଷା ପ୍ରତି ଆରଏସପି ର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସେ କେବଳ ବିଶ୍ୱ ପରିବେଶ ଦିବସ ପାଳନ କରିବା ମଧ୍ୟରେ ସୀମିତ ନ ରହି ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ପ୍ରକୃତିକୁ କିଛି ଫେରସ୍ତ କରିବାକୁ ସଙ୍କଳ୍ପ ନେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଏବଂ ଉତମ ଭବିଷ୍ୟତ ସୁରକ୍ଷିତ କରିବାକୁ ହେଲେ ଆଜି ପରିବେଶର ସୁରକ୍ଷା କରିବା ଅତ୍ୟନ୍ତ ଜରୁରୀ। ମହାପ୍ରବନ୍ଧକ ପ୍ରଭାରୀ (ପରିବେଶ ଇଞ୍ଜିନିୟରିଂ) ଶ୍ରୀ ପି. ସି. ଦାଶ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରବର୍ତୀ ସମୟରେ, ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କର୍ମଚାରୀ ଏବଂ ବିଭାଗଗୁଡ଼ିକୁ ସମ୍ବର୍ଦ୍ଧିତ କରିବା ପାଇଁ ଏଲ୍ ଆଣ୍ଡ ଡି ସେଂଟରଠାରେ ଏକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବି. କେ. ଗିରି ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ମଂଚରେ ଶ୍ରୀ ଏସ୍. ପାଲ୍ ଚୌଧୁରୀ ଏବଂ ଶ୍ରୀ ଏ. ସି. ସରକାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ବହୁ ସଂଖ୍ୟକ କାର୍ଯ୍ୟନିର୍ବାହୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ଗିରି ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଭବିଷ୍ୟତ ପାଇଁ।' ଉପରେ ଆଲୋଚନା କରିଥିଲେ। ଆମେ ଯାହା ବି କରୁନା କାହିଁକି, ପ୍ରକୃତି ପ୍ରତି ସହାନୁଭୂତିର ସହ କରିବା ଉଚିତ, ଯାହା ଆମକୁ ବଂଚିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଜିନିଷ ଯୋଗାଇଥାଏ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏକ ସବୁଜ, ସ୍ୱଚ୍ଛ ଏବଂ ସମୃଦ୍ଧ ଆଗାମୀ କାଲି ପାଇଁ ମିଳିମିଶି କାମ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହାପୂର୍ବରୁ ଶ୍ରୀ ପି. ସି. ଦାସ ବିଶ୍ୱ ପରିବେଶ ଦିବସ ଉପରେ ଏକ ପ୍ରେଜେଂଟେସନ (ଉପସ୍ଥାପନା) ପ୍ରଦାନ କରିଥିଲେ। କର୍ମଚାରୀମାନଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ବନ ଫୁଟ୍‌ପ୍ରିଂଟ୍ (କାର୍ବନ ନିର୍ଗମନ) ହ୍ରାସ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ନ୍ୟୁ ପ୍ଲେଟ୍ ମିଲ୍ ବିଭାଗ ଏବଂ ସିଏସଆର ବିଭାଗକୁ 'ଡି-କାର୍ବୋନାଇଜେସନ ଚାମ୍ପିଅନ' ପୁରସ୍କାର ପ୍ରଦାନ କରାଯାଇଥିଲା। ମହାପ୍ରବନ୍ଧକ (ପରିବେଶ

ଗ୍ରାମସଭାକୁ ଆସିଲେନି ମାଇନିଂ ଅଧିକାରୀ
ଗ୍ରାମବାସୀଙ୍କୁ କ୍ଷମା ମାଗିଲେ ଅତିରିକ୍ତ ତହସିଲଦାର

ରାଜଗାଙ୍ଗପୁର,୭/୬(ନି/ପ୍ର): ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ମାଲିଡ଼ି ହି ପଚାଂୟତର ଭଗତଟୋଲା ଅଚଂଳରେ ଅବସ୍ଥିତ ଏକ ଖଣିର ଇ-ଅକ୍ସନ ପ୍ରକ୍ରିୟା ସମ୍ପର୍କରେ ଶୁକ୍ରବାର ଗ୍ରାମପଚାଂୟତ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାମସଭା ଆୟୋଜନ କରାଯାଇଥିଲା । ଏହି ଗ୍ରାମସଭାରେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ପୁଲିସ ପ୍ରଶାସନ, ରାଜସ୍ୱ ବି ଭାଗର ଅଧିକାରୀ ଓ ଅନ୍ୟାନ୍ୟ ସର କାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ମାତ୍ର ଖଣି ସମ୍ପର୍କିତ କୌଣସି ଅଧିକାରୀ ଏହି ଗ୍ରାମସଭାରେ ଉପସ୍ଥିତ ନ ଥିବାରୁ ସଭା ଆରମ୍ଭ ହୋଇପାରି ନଥିଲ। ସୂଚନା ଅନୁସାରେ, ଖଣିର ଇ-ଅକ୍ସନ ସମ୍ପର୍କରେ ଗ୍ରାମବାସୀଙ୍କ ମତାମତ ସଂଗ୍ରହ ଏବଂ ଆଇନଗତ ପ୍ରକ୍ରିୟା ପୂରଣ କରିବା ଉଦ୍ଦେଶ୍ୟରେ ଏହି ଗ୍ରାମସଭା ଡାକା ଯାଇଥିଲା। ଗ୍ରାମସଭାକୁ ନେଇ ଗ୍ରାମାଅଚଂଳବାସୀଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖାଦେଇଥିଲା ଏବଂ ବହୁ ସଂଖ୍ୟକ ଗ୍ରାମ ବାସି ସଭାସ୍ଥଳରେ ଉପସ୍ଥିତ ଥିଲେ। କିନ୍ତୁ ଖଣି ବିଭାଗର ପ୍ରତିନିଧି ପାଇଁ କୌଣସି ଅଧିକାରୀ ମାନେ ଉପସ୍ଥିତ ନ ଥିବାରୁ ଗ୍ରାମବାସୀ ମାନେ ଖଣି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତର ପାଇ ପାରିନଥିଲେ। ଏହା ପରେ ଉପସ୍ଥିତ ଅଧିକାରୀ ମାନେ ଆଲୋଚନା କରି ଗ୍ରାମ ସଭାକୁ ବାତିଲ କରିବାକୁ ବାଧ୍ୟ ହୋଇଥିଲେ। ଗ୍ରାମସଭା ବାତିଲ ହେବା ଖବର ପ୍ରକାଶ ପାଇବା ପରେ ଉପସ୍ଥିତ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଓ ଦୂରଦୂରାନ୍ତରୁ ସମୟ ବାହାର କରି ସଭାକୁ ଆସି ଥିବା ଲୋକମାନେ ଏହାକୁ । ପ୍ରଶାସନିକ ଅବହେଳା ବୋଲି ଅଭିଯୋଗ କରିଥିଲେ ।ପରିସ୍ଥିତିକୁ ଶାନ୍ତ କରିବା ପାଇଁ ଉପସ୍ଥିତ ଅତିରିକ୍ତ ତହସିଲଦାର କିରଣ କୁମାର ସୋରେନ ଗ୍ରାମବାସୀଙ୍କ ସମ୍ମୁଖରେ ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଥିଲେ ଯେ ଖଣି ବିଭାଗର ଅଧୀକାରୀମାନଙ୍କ ଅନୁପସ୍ଥିତି କାରଣରୁ ଗ୍ରାମସଭା ସଠିକ୍ ଭାବେ ଆୟୋଜନ କରାଯାଇପାରିଲା ନାହିଁ ଏବଂ ଖୁବ ଶୀଘ୍ର ପୁନର୍ବାର ଗ୍ରାମସଭା ଡାକି ଗ୍ରାମବାସୀଙ୍କ ମତାମତ ଗ୍ରହଣ କରାଯିବବୋଲି କହିଥିଲେ।